ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.119 Bhubaneswar Wednesday June 22 2022 ୨୫ତମ ବର୍ଷ ସଂଖ୍ୟା-୧୧୯ ଭୁବନେଶ୍ୱର, ବୁଧବାର, ଜୁନ ୨୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଓଡିଶାର ଦ୍ରୌପଦୀ ମୁର୍ମୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ



ନୂଆଦିଲ୍ଲୀ, ୨୧।୬(ପି.ଏନ): ଆସନ୍ତା ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଦିବାସୀ ଓ ମହିଳା କାର୍ଡ ଖେଳିଛି ବିଜେପି। ଏନଡିଏ ମେଣ୍ଟ ପକ୍ଷରୁ ଓଡିଶାର ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ତାଙ୍କର ସିଧାସଳଖ ଲଢ଼େଇ ବିରୋଧୀ ମେଣ୍ଟର ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କ ସହ ହେବ।ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ପ୍ରାୟତଃ ନିର୍ବାଚନ ଜିତିବାକୁ ସଂଖ୍ୟା ଥିବାରୁ ୬୪ ବର୍ଷୀୟ ଶ୍ରୀମତୀ ମୁର୍ମୁ ହିଁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ଏକ ପ୍ରକାରର ନିଶ୍ଚିତ ହୋଇଛି। ଯଦି ମୁର୍ମୁ ଜିତନ୍ତି, ତା'ହେଲେ ସେ ପ୍ରଥମ ଓଡିଆ ଭାବେ ରାଷ୍ଟ୍ରପତି ହେବେ। ସେହିପରି ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହେବାର କୀର୍ତ୍ତିମାନ ସୃଷ୍ଟି କରିବେ। ମୁର୍ମୁଙ୍କ ପୂର୍ବରୁ ପ୍ରତିଭା ପାଟିଲ ଦେଶର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ। ଶ୍ରୀମତୀ ମୁର୍ମୁ ବିଜେପି ନେତୃତ୍ୱାଧୀନ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହେବା ପୂର୍ବରୁ ପ୍ରଥମ ମହିଳା ଭାବେ ଝାରଖଣ୍ଡର ରାଜ୍ୟପାଳ ହୋଇଥିଲେ। ୨୦୧୫ରୁ ୨୦୨୧ ଯାଏ ସେ ରାଜ୍ୟପାଳ ଭାବେ କାମ କରିଥିଲେ।ବିଜେଡି-ବିଜେପି ମେଣ୍ଟ ସରକାର ବେଳେ ସେ ଓଡିଶାରେ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରୁ ଦ୍ରୌପଦୀ ମୁର୍ମୁ ଦୁଇ ଥର(୨୦୦୦ ଓ ୨୦୦୪) ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ରାଷ୍ଟ୍ରପତି ପଦ ପାଇଁ ଦୌଡରେ ଓଡିଶାର ଜୁଏଲ ଓରାମଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ଥିଲା। ସେହିପରି ଉପ ରାଷ୍ଟ୍ରପତି ଭେଙ୍କୟା ନାଇଡୁ ଓ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବ୍ବାସ ନକଵୀଙ୍କ ନାଁ ମଧ୍ୟ ଦୌଡରେ ରହିଥିଲା। କିନ୍ତୁ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣି ଆଜି ସନ୍ଧ୍ୟାରେ ଦଳର ବରିଷ୍ଠ ନେତା ଦ୍ରୌପଦୀ ମୁର୍ମୁଙ୍କ ନାଁ ଉପରେ ମୋହର ମାରିଛନ୍ତି।ଶ୍ରୀମତୀ ମୁର୍ମୁଙ୍କ ନାଁ ଘୋଷଣା ପୂର୍ବରୁ ଆଜି ସନ୍ଧ୍ୟାରେ ବିଜେପିର ସଂସଦୀୟ ବୋର୍ଡର ବୈଠକ ବସିଥିଲା। ଏହି ବୈଠକରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ୨୦ ଜଣ ନେତାଙ୍କ ନାଁ ବିଚାରକୁ ନିଆଯାଇଥିଲା। ଶେଷରେ ପୂର୍ବ ଭାରତରୁ ଜଣେ ଆଦିବାସୀ ଓ ମହିଳାଙ୍କୁ ବାଛିବାକୁ ବୋର୍ଡ ସହମତି ପ୍ରକାଶ କରିଥିଲା। ଶେଷରେ ସର୍ବସମ୍ମତିକ୍ରମେ ଦ୍ରୌପଦୀ ମୁର୍ମୁଙ୍କ ନାଁକୁ ରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରାଯାଇଥିବା ଶ୍ରୀ ନଡ୍ଡା କହିଛନ୍ତି।ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ଦ୍ରୌପଦୀ ମୁର୍ମୁ କହିଛନ୍ତି, "ଟିଭିରୁ ମୋ ନାଁ ଶୁଣି ଆଶ୍ଚର୍ଯ୍ୟ ହେଲି ଓ ମୋତେ ଖୁସି ବି ଲାଗିଲା। ଜଣେ ଆଦିବାସୀ ମହିଳାଙ୍କୁ ପ୍ରାର୍ଥୀ କରି ବିଜେପି ତାର ନୀତି ସ୍ୱଷ୍ଟ କରିଛି। ବିଜେପି ତାର ସବକା ସାଥ୍, ସବକା ବିକାଶର ନାରାକୁ କାର୍ଯ୍ୟରେ କରି ଦେଖାଇଛି। ରାଷ୍ଟ୍ରପତି ପଦ ବଡ଼ ଦାୟିତ୍ୱ। ସମସ୍ତଙ୍କ ସହଯୋଗ କାମନା କରୁଛି। ୨୦୨୧ ମସିହା ପରଠୁ ରାଜନୀତିକ କାର୍ଯ୍ୟକ୍ରମ ଠାରୁ ଦୂରରେ ଅଛି। ରାଜନୀତିଠୁ ଦୂରରେ ରହି ଦେଶ ପାଇଁ କାମ କରିବି। ରାଷ୍ଟ୍ରପତି ଏକ ସାମ୍ବିଧାନିକ ପଦ। ତାର ଗରିମା ରକ୍ଷା କରିବି।" ୧୯୫୮ ମସିହା ଜୁନ୍? ୨୦ ତାରିଖରେ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ। ସେ ଶିକ୍ଷା ଶେଷ କରିବା ପରେ ଶିକ୍ଷୟିତ୍ରୀ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ୧୯୯୭ ମସିହାରେ ସେ ରାଜନୀତିରେ ପାଦ ଥାପିଥିଲେ। ସେ ପ୍ରଥମେ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ବିଜେପିର ଆଦିବାସୀ ମୋର୍ଚ୍ଚାର ଉପ ସଭାପତି କରାଯାଇଥିଲା।ସେ ରାଇରଙ୍ଗପୁରରୁ କ୍ରମାଗତ ୨ ଥର ଅର୍ଥାତ ୨୦୦୦ ଓ ୨୦୦୪ ମସିହାରେ ବିଜୟୀ ହୋଇ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଶ୍ରୀମତୀ ମୁର୍ମୁ ୨୦୦୦ ମାର୍ଚ୍ଚ ୬ରୁ ୨୦୦୨ ଅଗଷ୍ଟ ଯାଏ ଓଡିଶାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ହୋଇଥିଲେ। ସେହିପରି ୨୦୦୨ ଅଗଷ୍ଟ ୬ରୁ ୨୦୦୪ରୁ ମେ' ୧୬ ଯାଏ ତାଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଦାୟିତ୍ୱ ମିଳିଥିଲା।

## କୋଣାର୍କରେ ଆନ୍ତର୍ଜାତିକ ଯୋଗ ଦିବସରେ ଯୋଗ ଦେଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୧।୬(ପି.ଏନ): ବିଶ୍ୱ ପ୍ରସିଦ୍ଧ କୋଣାର୍କରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ଯୋଗ ଦିବସରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଭାରତୀୟ ସଭ୍ୟତାକୁ ଦେଶ ବିଦେଶରେ ପହଂଚାଇବା ପାଇଁ ଏହା ଏକ ମାଧ୍ୟମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସରେ ଏବେ ସାରା ବିଶ୍ୱ ଯୋଗକୁ ଆପଣାଇବାରେ ଲାଗିଛି। ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ରେଳବାଇ ପକ୍ଷରୁ ଖୁବ ଶୀଘ୍ର କୋଣାର୍କକୁ ରେଳ ଲାଇନ ପାଇଁ ସର୍ଭେ ହେବ। ପୁରୀ କିମ୍ବା ଅନ୍ୟ କେଉଁଠୁ ସଂଯୋଗ ହେବ ସେ ନେଇ ସର୍ଭେ ହେବ ବୋଲି ସେ କହିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଖୁବ ଶୀଘ୍ର ଓଡ଼ିଶାରେ ଆରମ୍ଭ ହେବ ୫ଜି ସେବା। ୫ଜିର ପରବର୍ତୀ ପର୍ଯ୍ୟାୟରେ ଓଡ଼ିଶାରେ ମଧ୍ୟ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଅଗଷ୍ଟ-ସେପ୍ଟେମ୍ବରରୁ ଭାରତର ୨୦-୨୫ଟି ସହର ରେ ଏହି ସେବା ଆରମ୍ଭ ହେଉଛି। ଏଥିରେ ଓଡ଼ିଶାର କୌଣସି ସହର ନାହିଁ।ଅନ୍ୟ ପକ୍ଷରେ ସେ ଅଗ୍ନିପଥ ଯୋଜନାକୁ ନେଇ ରାଜନୀତି ନକରିବାକୁ ସେ ନିବେଦନ କରିଛନ୍ତି। ଭାରତର ସୁରକ୍ଷା ଓ ଭବିଷ୍ୟତ ଦେଖି ଏହି ଯୋଜନାର ପରିକଳ୍ପନା କରାଯାଇଛି। ଏହାକୁ ସ୍ୱାଗତ କରିବା ଉଚିତ। ଏହାକୁ ନେଇ ଅଯଥା ରାଜନୀତି ନହେଉ। ସେ କହିଛନ୍ତି ଯେ ରେଳ, ବସଷ୍ଟାଣ୍ଡ, ରାସ୍ତାଘାଟ ସବୁ ସାର୍ବଜନୀନ ସମ୍ପର୍ତି। ତେଣୁ ଜାତୀୟ ସଂପର୍ତି ନଷ୍ଟ କରା ନ ଯାଉ।ଏହାକୁ ସୁରକ୍ଷା ଦେବା ଯୁବକ ମାନଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

## ରାଜନୀତିରୁ ସନ୍ନ୍ୟାସ ନେବେ କି ବଦ୍ରି ନାରାୟଣ ପାତ୍ର ?



ଭୁବନେଶ୍ୱର୨୧।୬(ପି.ଏନ):ରାଜନୀତିରୁ ସନ୍ନ୍ୟାସ ନେବେ କି ତିନି ଦଶନ୍ଧି ଧରି କେନ୍ଦୁଝର ରାଜନୀତିରେ ଦବ୍?ଦବା ଜାରି ରଖିଥିବା ବଦ୍ରି ନାରାୟଣ ପାତ୍ର ? ଆଜି ସେ ଗଣମାଧ୍ୟମକୁ ଦେଇଥିବା ବୟାନରୁ ଏପରି ଆକଳନ କରାଯାଉଛି।ଶ୍ରୀ ପାତ୍ର କହିଛନ୍ତି, ୨୦୨୪ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଯୁବକମାନଙ୍କୁ ବାଟ ଛାଡ଼ିବାକୁ ପଡ଼ିବ। ଯୁବକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଗ୍ରାଧିକାର ଦେଉଛନ୍ତି। ଏହା ଭଲ କଥା। ଦଳ ଯଦି ଏହି ଆଭିମୁଖ୍ୟ ନେଉଛି, ଆମର ଆଉ ଆବଶ୍ୟକତା କ'ଣ ଅଛି ? ଦଳ ସେହି ଲାଇନରେ ବଢ଼ିଲେ ୨୦୨୪ ନିର୍ବାଚନ ଆମ ପାଇଁ ସୁଗମ ହେବ ବୋଲି ସେ କହିଛନ୍ତି।୨୦୨୪ ମସିହାରେ ହେବାକୁ ଥିବା ନିର୍ବାଚନରେ ଲଢ଼ିବେ କି ପ୍ରଶ୍ନରେ ଶ୍ରୀ ପାତ୍ର କହିଛନ୍ତି- ଲଢ଼ିପାରେ, ନଲଢ଼ିପାରେ। ଦଳର ଆଭିମୁଖ୍ୟକୁ ଆମକୁ ସମ୍ମାନ ଦେବାକୁ ହେବ ବୋଲି ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର କହିଛନ୍ତି।ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ପଟ୍ଟନାୟକ ପରିବାରର ଦବଦବା ଥିଲା। ସେମାନଙ୍କୁ ରାଜନୀତି ଚକ୍ରବ୍ୟୂହରେ ମାତ ଦେଇ ସାମ୍ନାକୁ ଆସିଥିଲେ ବଦ୍ରି ନାରାୟଣ ପାତ୍ର। କ୍ରମାଗତ ଭାବେ ଘଷିପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏପରିକି ଗତ ପାଳିରେ ସେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପୁଣି ବିଜୟୀ ହୋଇଥିଲେ। ହେଲେ ତାଙ୍କୁ ମନ୍ତ୍ରୀ ପଦ ମିଳିନଥିଲା।୭୮ ବର୍ଷୀୟ ଶ୍ରୀ ପାତ୍ର ୬ ମାସ ତଳେ ଅସୁସ୍ଥ ହୋଇପଡିଥିଲେ। କଟକ ବଡ ମେଡିକାଲ୍‌ରେ ତାଙ୍କର ଚିକିତ୍ସା କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନହେବାରୁ ତାଙ୍କୁ ହାଇଦ୍ରାବାଦକୁ ଏୟାର ଲିଫ୍ଟିଂ କରାଯାଇଥିଲା। ଏବେ ସେ ସୁସ୍ଥ ଅଛନ୍ତି।

## ବ୍ୟାପକ ଅନିୟମିତତା ଯୋଗୁଁ ପୁରୀ ସବରେଜିଷ୍ଟ୍ରାର ନିଲମ୍ବିତ

ପୁରୀ, ୨୧।୬(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୁରୀ ସବ୍‌ରେଜିଷ୍ଟ୍ରାର ସନ୍ତୋଷ କୁମାର ପତିଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଶ୍ରୀପତି ଜିଲ୍ଲା ସବରେଜିଷ୍ଟ୍ରାର ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। ଅନେକ ଜମି ଓ ଫ୍ଲାଟ ରେଜଷ୍ଟି ସମ୍ପର୍କରେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତିକରି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଠାରେ ସୂଚନା ଯୋଗ୍ୟଯେ ଶ୍ରୀପତିଙ୍କ କାର୍ଯ୍ୟକାଳ ମଧ୍ୟରେ ଜଣେ ବିଲଡ଼ର ଠାରୁ ପିଇବା ପାଣି ମେସିନ୍ ଅଫିସରେ ଖଞ୍ଜା ଯାଇଥିବା ଅଭିଯୋଗ ହୋଇଥିଲା। ଅନେକ ଭିଜିଟିଂ ରେଜିଷ୍ଟି କରାଯାଇଛି। ବାଇଫ୍ଲଟ ଓ ଫ୍ଲାଟବିକ୍ରି ବନ୍ଦ ରହିଥିଲେ ମଧ୍ୟ କିଛି ରେଜିଷ୍ଟି ହୋଇଥିବା ଆଇନଜୀବୀମାନେ ଅଭିଯୋଗ କରିଥିଲେ। କେତେକ କ୍ଷେତ୍ରରେ ଜମି ରେଜିଷ୍ଟି ପାଇଁ ଓକିଲଙ୍କୁ ନା କରୁଥିବା ବେଳେ ସେହି ଜମିକୁ ମୋହରିର ନେଲେ ହଁ କରୁଥିବା ଜଣାପଡ଼ିଛି। ଏହି ହଁ ପଛରେ କଣ ରହସ୍ୟ ରହିଛି ତାକୁ ନେଇ ଆଇନଜୀବୀମାନଙ୍କ ମଧ୍ୟରେ ମୃଦୁ ଗୁଜରଣ ସୃଷ୍ଟି ହୋଇଛି। ସରକାର ଫିସ୍ ଦେୟ ବାଦ ଅଧିକ ଅର୍ଥ ବିଭିନ୍ନ ଟେବୁଲରେ ଦେବାକୁ ପଡୁଥିବାରୁ ଜମି କ୍ରେତାମାନେ କ୍ଷତିଗ୍ରସ୍ତ ହେଉଥିବା କହିଛନ୍ତି।

## ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୧।୬(ପି.ଏନ): ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସମଗ୍ର ରାଜ୍ୟକୁ ଛୁଇଁଥିବା ବେଳେ ଏହାର ପ୍ରଭାବରେ ଗତକାଲି ଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗିରହିଛି। ଗତ ୨୪ ଘଂଟାରେ ରାଜ୍ୟରେ ମୌସୁମୀ ସକ୍ରିୟ ସହ ପାଖାପାଖି ୧୭.୩ ମିମି ବର୍ଷା ରେକର୍ଡ ହୋଇଛି। ଯାହା ଗତ ୨୪ ଘଂଟାର ସ୍ୱାଭାବିକ ବର୍ଷା ୯.୨ ମିମି ତୁଳନାରେ ୮୮% ଅଧିକ ରହିଛି। ଏପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା ସହିତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ଓଡିଶାର ସମ୍ବଲପୁର, ଅନୁଗୁଳ, ବୌଦ୍ଧ, କଟକ, ଢ଼େଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଂଜ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ପୁରୀ ଓ ଗଂଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ୨୨ ରୁ ୨୩ ତାରିଖ ମଧ୍ୟରେ କଳାହାଣ୍ଡି , କନ୍ଧମାଳ , ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ, ନବରଙ୍ଗପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ. କେନ୍ଦୁଝର, ଯାଜପୁର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବାରୁ ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଅନୁଭବ-ବର୍ଷା ପାରିବାରିକ ବିବାଦ ମାମଲା : ବର୍ଷାଙ୍କୁ ଅନୁଭବଙ୍କ ଘର ଛାଡି ଅନ୍ୟତ୍ର ରହିବା ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଲେ ଜିଲ୍ଲା ଜଜ୍ କୋର୍ଟ



କଟକ, ୨୧।୬(ପି.ଏନ): ସାଂସଦ ଅନୁଭବ ମହାନ୍ତି - ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପାରିବାରିକ ବିବାଦ ମାମଲାରେ ଅନୁଭବଙ୍କୁ କୋର୍ଟଙ୍କ ପୁଣି ଏକ ଝଟକା। ବର୍ଷାଙ୍କୁ ଅନୁଭବଙ୍କ ଘର ଛାଡି ଅନ୍ୟତ୍ର ରହିବା ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଛନ୍ତି ଜିଲ୍ଲା ଜଜ୍ କୋର୍ଟ। କଟକ ଏସଡିଜେଏମ କୋର୍ଟଙ୍କ ନିର୍ଦ୍ଦେଶ ଉପରେ କଟକ ଜିଲ୍ଲା ଜଜ୍ ଆଜି ଏହି ଅନ୍ତରିଣ ରହିତାଦେଶ ଜାରୀ କରିଛନ୍ତି। ଏପରିକି ଏହି ଅନ୍ତରିଣ ରହିତାଦେଶ ସହ ଅନୁଭବଙ୍କୁ ଜବାବ ତଲବ କରିଛନ୍ତି କୋର୍ଟ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଅନୁଭବଙ୍କ ଘର ଦୁଇ ମାସ ମଧ୍ୟରେ ଛାଡି ଅନ୍ୟତ୍ର ରହିବାକୁ ଏସଡିଜେଏମ କୋର୍ଟ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘରଭଡ଼ା ବାବଦରେ ଅନୁଭବ ବର୍ଷାଙ୍କ ଆକାଉଂଟରେ ମାସିକ ୩୦ ହଜାର ଟଙ୍କା ଡିପୋଜିଟ୍ କରିବାକୁ ନିର୍ଦ୍ଦେଶ ଥିଲା। ଅନୁଭବ ମଧ୍ୟ ଗୋଟିଏ ମାସର ୩୦ ହଜାର ଟଙ୍କା ବର୍ଷାଙ୍କ ଏକାଉଂଟରେ ଜମା କରିଥିଲେ ଏବଂ ଏନେଇ କୋର୍ଟଙ୍କୁ ଅବଗତ କରିଥିଲେ। ତେବେ ବାରମ୍ବାର ତାଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଆପତିଜନକ ମନ୍ତବ୍ୟ ଦେଇ ଭିଡ଼ିଓ ପୋଷ୍ଟ କରିବା ଏବଂ ତାଙ୍କ ବିରୋଧରେ ଟିକସ ଫାଙ୍କିବା ଭଳି ସଙ୍ଗିନ ଅଭିଯୋଗ ଆଣି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଯାହାକୁ ନେଇ ଗତକାଲି ବର୍ଷା ଏକ ଆବେଦନ ଜିଲ୍ଲା ଜଜ୍ କୋର୍ଟଙ୍କ ନିକଟରେ ଦାୟର୍ କରିଥିଲେ।ପ୍ରକାଶ ଥାଉକି, ସୋସିଆଲ ମିଡ଼ିଆରେ ଅନୁଭବଙ୍କ ଭିଡ଼ିଓକୁ ନେଇ ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ଷା। ମାମଲାର ଶୁଣାଣି କରି ସାମାଜିକ ଗଣମାଧ୍ୟମରେ କୌଣସି ମନ୍ତବ୍ୟ ନଦେବାକୁ କୋର୍ଟ ଉଭୟଙ୍କୁ ତାଗିଦ୍ କରିଥିଲେ। କେହି କାହା ବିରୋଧରେ ମନ୍ତବ୍ୟ ନଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଗକୁ ଆଉ କୌଣସି ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ନକରିବାକୁ କୋର୍ଟ ଅନୁଭବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୪ ତାରିଖରେ ମାମଲାର ପରବର୍ତି ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି।

## ବିଶ୍ୱସ୍ତରୀୟ ହେବ ପୁରୀ ରେଳଷ୍ଟସନ





ପୁରୀ, ୨୧।୬(ପି.ଏନ): ପୁରୀ ରେଳଷ୍ଟେସନକୁ ବିଶ୍ୱସ୍ତରୀୟ ରେଳଷ୍ଟେସନ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଆଜି ପୁରୀ ଷ୍ଟେସନ ଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି। ବିଶ୍ୱର ହିନ୍ଦୁ ଧର୍ମର ଭକ୍ତମାନେ ଓ ପର୍ଯ୍ୟଟକମାନେ ପୁରୀକୁ ଆସୁଛନ୍ତି। ପୁରୀରେ ସେମାନଙ୍କୁ ଭଲ ବ୍ୟବହାର ସହ ଷ୍ଟେସନରେ ସୁବିଧା ଯୋଗାଇ ଦେବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିପାଇଁ ୩୬୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ବ୍ୟୟ ବରାଦ ପାଇଁ ଟେଣ୍ଡର ଡ଼କାଯାଇଛି। ୨ମାସ ଭିତରେ କାମ ଆରମ୍ଭ ହେବ। ପୁରୀକୁ ବିଶ୍ୱସ୍ତରୀୟ ହେରିଟେଜ ସିଟି ଭାବେ ଗଢି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱପ୍ନ ଦେଖିଛନ୍ତି। ଶ୍ରୀମୋଦି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ। ପୁରୀରେ ବିମାନ ବନ୍ଦର ଓ ଷ୍ଟେସନର ଉନ୍ନତିକରଣ କରାଯିବ। ଭୁବନେଶ୍ୱରରୁ ଓ ପୁରୀକୁ ବିଶ୍ୱସ୍ତରୀୟ ଟ୍ରେନ ଚାଲିବ। ପୁରୀ ଷ୍ଟେସନର ଡ଼ିଜାଇନ୍ ଓଡ଼ିଶାର କଳା ଐତିହ୍ୟକୁ ନେଇ ଗଢି ଉଠିବ। ଚଳିତ ରଥଯାତ୍ରାରେ ୨ଶହରୁ ଅଧିକ ଟ୍ରେନ ଚାଲିବ। ଭକ୍ତଙ୍କ ପାଇଁ ବିଶ୍ୱସ୍ତରୀୟ ବିଶ୍ରାମସ୍ଥଳ ନିର୍ମାଣ କରାଯିବ। ଏହା ବାତ୍ୟା ପ୍ରତିରୋଧ ସହ୍ୟ କରିବା ପାଇଁ ବ୍ୟବସ୍ଥା ହେବ। ରଥଯାତ୍ରା ସମୟରେ ଷ୍ଟେସନରେ ଯାତ୍ରୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବା ସହ ଖାଦ୍ୟ ବିତରଣ ମଧ୍ୟ କରାଯିବ। ୨୦୨୪ ସୁଦ୍ଧା ପୁରୀ ରେଳଷ୍ଟେସନର ନିର୍ମାଣ କାର୍ଯ୍ୟ ସରିବାକୁ କେନ୍ଦ୍ର ସରକାର ଟାର୍ଗେଟ ରଖିଛନ୍ତି। ପୁରୀକୁ ଦିନକୁ ଦିନ ଯାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ସୁବିଧା ପ୍ରଦାନ ପାଇଁ ସବୁ ପଦକ୍ଷେପ ନିଆଯାଉଥିବା ରେଳମନ୍ତ୍ରୀ କହିଛନ୍ତି।

## ରାଜ୍ୟରେ ଆଜିଠୁ ଘରକୁ ଘର ବୁଲି ସର୍ଭିଲାନ୍ସ ଆରମ୍ଭ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୧।୬(ପି.ଏନ): ରାଜ୍ୟରେ କୋଭିଡ ସଂକ୍ରମଣ ଲଗାତାର ବଢୁଥିବା ବେଳେ ରାଜ୍ୟରେ ଆଜିଠୁ ଇଣ୍ଟିଗ୍ରେଟେଡ ସର୍ଭିଲାନ୍ସ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆଜିଠୁ ଇଣ୍ଟିଗ୍ରେଟେଡ ସର୍ଭିଲାନ୍ସ ଆରମ୍ଭ ହୋଇଛି। କୋଭିଡ ସଂକ୍ରମଣ ସହ ଟିବି, ଫାଇଲେରିଆ, ମାଲେରିଆ, ଡାଇରିଆ, ଡେଙ୍ଗୁ ଭଳି ରୋଗ ଚିହ୍ନଟ ପାଇଁ ଘରକୁ ଘର ବୁଲି ସର୍ଭିଲାନ୍ସ କରାଯାଉଛି। ସେ କହିଛନ୍ତି ଯେ ପୂର୍ବ ୧୫ ଦିନରେ ରାଜ୍ୟରେ ସଂକ୍ରମଣ ଏକ ଅଙ୍କରେ ରହୁଥିଲା ଏବେ ତାହା ବଢିବା ଆରମ୍ଭ କରିଛି। କିନ୍ତୁ ତାହା ଏତେ ଅଧିକ ନୁହେଁ। କରୋନା କାରଣରୁ ହସ୍ପିଟାଲାଇଜେନ ବଢି ନାହିଁ। ତଥାପି ଇଣ୍ଟିଗ୍ରେଟେଡ ସର୍ଭିଲାନ୍ସ କରି କେଉଁଠି ଅଧିକ ସଂକ୍ରମଣ ବଢୁଛି ତାହାର ତଥ୍ୟକୁ ଅନୁଧାନ କରାଯିବ ବୋଲି ସେ କହିଛନ୍ତି।ସେ କହିଛନ୍ତି ଯେ ସମସ୍ତେ ଟିକା ନେବାକୁ ଆମେ ଲୋକ ମାନଙ୍କୁ ଅପିଲ କରୁଛୁ।। ବର୍ତମାନ ରାଜ୍ୟରେ ଯେଉଁ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସବୁ ଓମିକ୍ରନ ଭ୍ୟାରିୟାଣ୍ଟର ବୋଲି ସେ ସୂଚନା ଦେଇଛନ୍ତି।

## ନୂଆପଡାରେ ମାଓବାଦୀଙ୍କ ଗୁଳିରେ ୩ ଯବାନ ସହିଦ

ଭୁବନେଶ୍ୱର, ୨୧।୬(ପି.ଏନ): ନୂଆପଡ଼ାର ବୋଡେନ୍ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲରେ ସିଆରପିଏଫ୍ - ମାଓବାଦୀ ଗୁଳି ବିନିମୟରେ ୩ ଯବାନ୍ ସହିଦ ହୋଇଛନ୍ତି। ସହିଦ ଯବାନମାନନେ ହେଲେ ଶିଶୁପାଳ ସିଂହ, ଶିବଲାଲ ଓ ଧର୍ମେନ୍ଦ୍ର କୁମାର ସିଂହ। ଅପରପକ୍ଷରେ ସହିଦ ହୋଇଥିବା ୩ ଜଣ ସିଆରପିଏଫ୍ ଯବାନଙ୍କ ପରିବାରକୁ ରାଜ୍ୟ ସରକାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ପ୍ରତି ସହିଦଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ମିଳିବ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସିଆରପିଏଫର ଯବାନମାନେ ସହିଦ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସହିଦଙ୍କ ପରିବାର ପ୍ରତି ସମବେଦନା ଜଣାଉଛି।ସୂଚନାଯୋଗ୍ୟ ନୂଆପଡ଼ାର ବୋଡେନ୍ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ସିଆରପିଏଫ୍ ଯବାନଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସିଆରପିଏଫ୍ ଯବାନମାନେସର୍ଚ୍ଚ ଅପରେସନରେ ବାହାରିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଅତର୍କିତ ଭାବେ ଗୁଳି କରିଥିଲେ। ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ। ତେବେ ମାଓବାଦୀଙ୍କ ଗୁଳିରେ ଘଟଣାସ୍ଥଳରେ ୩ ଜଣ ଯବାନ ସହିଦ ହୋଇଥିଲେ। ସହିଦ ଯବାନମାନନେ ହେଲେ ଶିଶୁପାଳ ସିଂହ, ଶିବଲାଲ ଓ ଧର୍ମେନ୍ଦ୍ର କୁମାର ସିଂହ। ସିଆପିଏଫ୍ ଏଏସଆଇ ଶିଶୁପାଳ ସିଂହ ହେଉଛନ୍ତି ଉତ ପ୍ରଦେଶ ନିବାସୀ। ସେହିପରି ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ଅନ୍ତର୍ଗତ ପଇଗା ନିବାସୀ ଏଏସଆଇ ଶିବଲାଲ ମଧ୍ୟ ସହିଦ ହୋଇଛନ୍ତି। କନଷ୍ଟେବଲ୍ ଧର୍ମେନ୍ଦ୍ର କୁମାର ସିଂହ ବିହାରର ରୋହତାସ ଜିଲ୍ଲା ଦନୱାର ଥାନା ଅନ୍ତର୍ଗତ ସରଭା ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି।ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଟୁଇଟ୍ କରି ସୂଚନା ଦେଇଛନ୍ତି ଯେ ନୂଆପଡା ଏସପି ଓ ସିଆରପିଏଫ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚିଛନ୍ତି। ସମ୍ପୃକ୍ତ ଅଂଚଳରେ କୋମ୍ବିଂ ଅପରେସନ୍ କୁ ଆହୁରି ଜୋରଦାର କରାଯାଇଛି। ଏସଓଜି ଓ ସିଆରପିଏଫ୍ ର ଅଧିକ ଟିମ୍ ସେଠାକୁ ପଠାଯାଇଛି। ସହିଦଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ଡିଜିପି ସହୀଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ସେ କହିଛନ୍ତି ମାଓବାଦୀଙ୍କୁ ଧରିବା ପର୍ଯ୍ୟନ୍ତ ଅପରେସନ୍ ଜାରି ରହିବ। ସହୀଦଙ୍କ ତ୍ୟାଗ ବୃଥା ହେବାକୁ ଦିଆଯିବନାହିଁ ବୋଲି ଡିଜିପି କହିଛନ୍ତି।

## ରାଜ୍ୟର ୯ କଂଗ୍ରେସ ବିଧାୟକଙ୍କୁ ଏଆଇସିସିର ଦିଲ୍ଲୀ ଡାକରା

ଭୁବନେଶ୍ୱର, ୨୧।୬(ପି.ଏନ): ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ୯ କଂଗ୍ରେସ ବିଧାୟକଙ୍କୁ ଦିଲ୍ଲୀ ଡକା ଯାଇଛି। ଏ ନେଇ କଂଗ୍ରେସର ବରିଷ୍ଠ ବିଧାୟକ ତାରା ବାହିନୀପତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଜି ସଂଧ୍ୟାରେ ଓଡ଼ିଶାର ୯ କଂଗ୍ରେସ ବିଧାୟକ ଦିଲ୍ଲୀ ଯିବେ। ରାହୁଲ, ସୋନିଆଙ୍କୁ ଇଡି ନୋଟିସ୍କୁ ନେଇ ରଣନୀତି ପ୍ରସ୍ତୁତ ପାଇଁ ଡାକରା ହୋଇଛି। ଏଥିସହ ଦଳୀୟ ସଂଗଠନ ଉପରେ ଆଲୋଚନା ମଧ୍ୟ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଯେ, ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ନୋଟିସ ଦିଆଯାଇଛି। ରାହୁଲ ଗାନ୍ଧିଙ୍କୁ ଇଡିରେ ହାଜର ହେବା ପାଇଁ ବାରମ୍ବାର ଡକାଯାଉଛି। ସୋନିଆ ଓ ରାହୁଲଙ୍କ ଇଡି ପକ୍ଷରୁ ନୋଟିସ ଜାରି କରାଯାଇ ଲୋକଙ୍କୁ ଆତଙ୍କିତ କରିବାକୁ ପ୍ରୟାସ କରାଯାଉଛି। ତା' ଉପରେ କିପରି ରୋକ ଲଗାଯାଇ ପାରିବ ଏନେଇ ବିଧାୟକ ଓ ନେତାମାନଙ୍କୁ ନେଇ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଢ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁନ୍ ୨୨

# ଅବଚେତନ ଜ୍ଞାନ



ଅବଚେତନ ଜ୍ଞାନ ମଣିଷର କ୍ଷୁଦ୍ର ମସ୍ତିଷ୍କରେ ଅବସ୍ଥିତ, ଯାହା ନିଜସ୍ୱ ନିୟନ୍ତ୍ରଣ ବହିର୍ଭୁତ ହୋଇଥାଏ । ଅବଚେତନ ଜ୍ଞାନରୁ ନିର୍ଗତ ବିଚାରଧାରା ସିଧାସଳଖ ମଣିଷର ଭାବଧାରା ଅନ୍ତର୍ଗତ ନହୋଇ କେବଳ ଅଜ୍ଞାତ ଚେତନା ସୃଷ୍ଟି କରିଥାଏ । ମଣିଷ ଜୀବନର ବାସ୍ତବ ଅବାସ୍ତବ କାର୍ଯ୍ୟଶୈଳୀ, ଭାବଧାରା ତଥା ଅଲୌକିକ ବିଚାର ଭଳି ଅନେକ ନିୟନ୍ତ୍ରଣ ବହିର୍ଭୁତ ବିଷୟ ଅବଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥିବା ବେଳେ କେତେକ କ୍ଷେତ୍ରରେ ଭାବ ବହିର୍ଭୁତ ବିଷୟଗୁଡ଼ିଏ ମଧ୍ୟ ଅବଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥାଏ । ସେଗୁଡିକ ମଣିଷକୁ ସ୍ୱପ୍ନ ଆକାରରେ ଦେଖାଯିବା ସହିତ ଅନେକ ସମୟରେ ଚେତନ ଅବସ୍ଥାରେ ମଧ୍ୟ ପ୍ରଭାବିତ କରିଥାଏ । ଅବଚେତନ ଜ୍ଞାନକୁ ମଣିଷ ନିୟନ୍ତ୍ରଣ କରିପାରିବା ଭଳି କୌଣସି ପ୍ରାକୃତିକ ପ୍ରାବନ୍ଧ ରଖିନାହିଁ ଜନ୍ମଦାତ୍ରୀ ପ୍ରକୃତି । ମଣିଷ ନିଜର ଅବଚେତନ ଜ୍ଞାନର ଭୟାବହତା ତଥା ବିପରୀତମୁଖୀ ପ୍ରକୋପଗୁଡିକ ବିଷୟରେ ଆଦୌ ନିୟନ୍ତ୍ରଣ ରଖି ନ ଥିବା ବେଳେ ତାହା ସମୟରେ ଘାତକ ଭଳି କାର୍ଯ୍ୟ କରିଥାଏ ମଣିଷ ପାଇଁ । କିନ୍ତୁ ଅବଚେତନ ଜ୍ଞାନକୁ ସନ୍ତୁଳିତ ଅବସ୍ଥାରେ ରଖି ନିଜସ୍ୱ ଜୀବନକୁ ନିୟନ୍ତ୍ରଣ କରିବା କ୍ଷମତା ମଧ୍ୟ କେତେକାଂଶରେ ରହିଛି ମଣିଷ ପାଖରେ । ଚେତନା ଜ୍ଞାନକୁ କରାୟତ କରି ମଣିଷ ନିଜସ୍ୱ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେଖା



ମଧ୍ୟରେ କାର୍ଯ୍ୟ କରିପାରିବା କ୍ଷମତା ଭଳି ଅବଚେତନ ଜ୍ଞାନକୁ ନିୟନ୍ତ୍ରିତ କରିବା ଏତେ ସହଜ ନୁହେଁ! ତଥାପି କିଛି ମାତ୍ରାରେ ନିୟନ୍ତ୍ରିତ କରିହେବ କେମିତି, ଜାଣିବା ଏକ କଷ୍ଟକର ବ୍ୟାପାର ହେଲେ ମଧ୍ୟ ଅସମ୍ଭବ ନୁହେଁ!

ଅବଚେତନ ଜ୍ଞାନ ଅଲୌକିକ ଭାବଧାରା ସୃଷ୍ଟି କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ବେଳେ କେତେକ ସମୟରେ ଦାର୍ଶନିକ ଚେତନା ମଧ୍ୟ ସୃଷ୍ଟି କରିଥାଏ ମନରେ, ଯାହା ମଣିଷର ଚେତନା ଜ୍ଞାନ ନିୟନ୍ତ୍ରିତ ହୋଇନଥାଏ । ଅନେକ ସମୟରେ ମଣିଷ କେତେକ ଭବିଷ୍ୟଦ୍ରଷ୍ଟା ଚେତନା ପାଇବା ସହିତ ନିଜକୁ ନିଜେ ବିଶ୍ୱାସ କରିପାରୁ ନ ଥିବା ବିଷୟଗୁଡ଼ିଏ ମନମାନସରେ ଆନ୍ଦୋଳିତ ହୋଇଥାଏ ଯାହା ଅବଚେତନ ଜ୍ଞାନର ପ୍ରଭାବଜନିତ ହୋଇଥାଏ । ଅବଚେତନ ଜ୍ଞାନର ପ୍ରଭାବ ପରୋକ୍ଷରେ ମଣିଷକୁ ପ୍ରଭାବିତ କରୁଥିବା ବେଳେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହି ନ ଥାଏ ତାହାରି ଉପରେ । ଅବଚେତନ ଜ୍ଞାନକୁ ବୁଝିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ଯାହା କେବଳ ସ୍ଥିରଚିତ୍ତରେ ମାନସ ମନ୍ଥନ ଦ୍ୱାରା କିଂଚିତ ସମ୍ଭବ ହୋଇପାରେ, କିନ୍ତୁ ନିଶ୍ଚିତ ନୁହେଁ । ମଣିଷର ଗତିବିଧି, ଭାବଧାରା, ପାରିପାର୍ଶ୍ୱିକ ଆଚରଣ, ପ୍ରଭାବ ଇତ୍ୟାଦି ଜୀବନଶୈଳୀର ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ ଆଧାରିତ ଭିନ୍ନ ଭିନ୍ନ ତତ୍ୱ



ସୃଷ୍ଟି ହୋଇଥାଏ ଅବଚେତନ ଜ୍ଞାନରେ, ସ୍ଥଳବିଶେଷ, ବ୍ୟକ୍ତିବିଶେଷକୁ ନେଇ, ଯାହା ଜଣଙ୍କଠାରୁ ଅନ୍ୟ ଜଣଙ୍କ ପାଖରେ ଗଭୀର ଭିନ୍ନତା ପ୍ରଦର୍ଶନ କରିଥାଏ ।

ଅବଚେତନ ଜ୍ଞାନକୁ କିଞ୍ଚିତ ନିୟନ୍ତ୍ରିତ କରି ରଖିବା ବିଚାର କଲେ ପ୍ରଥମେ ନିଜକୁ ମାୟାରୁ ମୁକୁଳାଇ ସଂସାରର ବାସ୍ତବତା ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବାକୁ ହେବ । ଆକାଂକ୍ଷା, ମନ୍ଦ ବିଚାର ମନରୁ ଦୂରେଇ କେବଳ ଶାନ୍ତ ବିଚାରଧାରା ଜାଗ୍ରତ ପୂର୍ବକ ମାନସିକ ଚେତନା ତଥା ଶିଥିଳତା ସୃଷ୍ଟି କରିବାକୁ ହେବ । ଅସ୍ଥିରତା ବର୍ଜନ କରି କୌଣସି ବିଷୟରେ ବିଚଳିତ ନ ହୋଇ ଧୀରେ ସୁସ୍ଥରେ କାର୍ଯ୍ୟ ନିର୍ବାହ କରିବାକୁ ହେବ । ଅଧିକନ୍ତୁ ବିଚାରଶୀଳ ମନୋନିବେଶପୂର୍ବକ ଧ୍ୟାନମଗ୍ନ ରହି ଚେତନା ଜ୍ଞାନକୁ ସମ୍ପୂର୍ଣ୍ଣ କରାୟତ କରିପାରିଲେ ଅବଚେତନ ଜ୍ଞାନ ଶାନ୍ତ, ସ୍ଥିର ଅବସ୍ଥାରେ ରହି ମଣିଷକୁ ଭାବାବେଗ ତଥା ସାମାଜିକ ଭୟାବହତାଠାରୁ ଦୂରେଇ ରଖିବାରେ ସହଯୋଗ କରିପାରେ । ଅବଚେତନ ଜ୍ଞାନ ସମ୍ପୂର୍ଣ୍ଣ ଭାବେ ମଣିଷର ନିୟନ୍ତ୍ରଣାଧିନ ହେବା ଅସମ୍ଭବ! ତଥାପି କୌଣସି ଉଦ୍‌ବେଗ, ଉନ୍ମାଦନାପୂର୍ଣ୍ଣ ବିଚାର, ସ୍ୱପ୍ନ ସୃଷ୍ଟି ହେଲେ ମଧ୍ୟ ଯଦି ଚେତନା ଜ୍ଞାନ ନିୟନ୍ତ୍ରଣାଧିନ ରହିଥିବ, ତାହାହେଲେ ମଣିଷ ନିଜକୁ ସନ୍ତୁଳିତ କରି ରଖିବାରେ ସମର୍ଥ ହୋଇପାରିବ । ତେଣୁ ମଣିଷ ନିଜର ଚେତନା ଜ୍ଞାନକୁ ମାନବୀୟ ଢଙ୍ଗରେ ସଜାଡି ରଖିଲେ ଅବଚେତନ ଜ୍ଞାନର ଯୁକ୍ତାତ୍ମକ ପ୍ରଭାବ ଅନୁଭବ କରିବା ସମ୍ଭବ ହୋଇପାରେ । ମାନସିକ ସ୍ଥିରତା ତଥା ନିଜକୁ ଶାନ୍ତ ଚିତ୍ତରେ ଅନେକ ସମୟ ଧ୍ୟାନମଗ୍ନ ରଖିଲେ ଏହିସବୁ ସମ୍ଭବ ହେବା ସମ୍ଭାବନା ଯଥେଷ୍ଟ ଅଧିକ ରହିଥାଏ ।

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତୀୟ ସନାତନ ସଂସ୍କୃତିର ଯୋଗ ଦର୍ଶନ ବିଶ୍ୱ ସମୁଦାୟକୁ ଶ୍ରେଷ୍ଠ ବରଦାନ

ପ୍ରଦୀପ୍ତ କୁମାର ଜେନା



ଯୋଗ ଶବ୍ଦ ସନାତନ ସଂସ୍କୃତିର ଆଦ୍ୟ ଓ ପବିତ୍ର ଗ୍ରନ୍ଥ ଋକ୍ ବେଦରେ ଦେଖିବାକୁ ମିଳେ । ଏହି ଶବ୍ଦଟି ସଂସ୍କୃତ ମୂଳ ଶବ୍ଦ ଯୁଜରୁ ଆସିଅଛି । ଯାହାର ଅର୍ଥ ଯୋଡିବା ବା ଯୁକ୍ତ ହେବା । ବେଦର ରଚନା ପରେ ଉପନିଷଦ ଓ ଏହାପରେ ବିଭିନ୍ନ ମୁନିଋଷିମାନଙ୍କ ଦ୍ୱାରା ଷଡ଼ ଦର୍ଶନ ଯଥା: ବେଦାନ୍ତ ଦର୍ଶନ, ସାଂଖ୍ୟ ଦର୍ଶନ, ଯୋଗ ଦର୍ଶନ, ନ୍ୟାୟ ଦର୍ଶନ, ମୀମାଂସା ଦର୍ଶନ ଓ ବୈଶେଶିକ ଦର୍ଶନ ସୃଷ୍ଟି ହୋଇଛି । ମହର୍ଷି ପତଞ୍ଜଳିଙ୍କ ଦ୍ୱାରା ଯୋଗ ଦର୍ଶନ ସୃଷ୍ଟି ହୋଇଥିଲା । ମହର୍ଷି ପତଞ୍ଜଳି ଯୋଗର ଉଦ୍ଦେଶ୍ୟ, ଲକ୍ଷ୍ୟ, ଉପକାରିତା ଓ ଯୋଗ ସାଧନାର ଉପାୟ ନିଜ ଦର୍ଶନରେ ଉଲ୍ଲେଖ କରିଛନ୍ତି । ମହର୍ଷି ପତଞ୍ଜଳିଙ୍କୁ ପ୍ରାଚୀନ ଯୋଗ ଦର୍ଶନର ଜନକ ବୋଲି ଅଭିହିତ କରାଯାଏ । ଐତିହାସିକମାନଙ୍କ ମତରେ ପାଞ୍ଚ ହଜାର ବର୍ଷ ପୂର୍ବେ ଉତ୍ତର ଭାରତରେ ଯୋଗର ପ୍ରଚଳନ ଥିଲା । ଏହା ଯଦିଓ ସନାତନ ସଂସ୍କୃତି ବା ଧର୍ମର ଅଙ୍ଗ, ଏହାକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଯୋଡିବା ଉଚିତ ନୁହେଁ, ଯୋଗ ଏକ ଅଧ୍ୟାତ୍ମିକ ବିଜ୍ଞାନ । ଶାରୀରିକ, ମାନସିକ, ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ହିଁ ଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଯେଉଁଥିପାଇଁ ଆଜି ସବୁ ଧର୍ମର ଲୋକମାନେ ଯୋଗକୁ



ଆପଣାଇ ନେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ ଓ ବୌଦ୍ଧ ସମସ୍ତେ ଯୋଗର ଅଭ୍ୟାସ ପ୍ରତ୍ୟେକ ଦିନର ଜୀବନଚର୍ଯ୍ୟା ଭିତରେ ଜାରି ରଖିଛନ୍ତି । ଏପରିକି ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯୋଗକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି । ଜୀବନ ଜିଇଁବାର କଳା ହିଁ ହେଉଛି ଯୋଗ । ମହର୍ଷି ପତଞ୍ଜଳି ଯୋଗ ସାଧନ ପାଇଁ ଆଠଗୋଟି ମାର୍ଗ ନିର୍ଦ୍ଧାରଣ କରିଛନ୍ତି । ସେଗୁଡିକ ହେଲା ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଏବଂ ସମାଧି । ସାଧକ ଯଦି ନିର୍ବିକଳ୍ପ ସମାଧି ଅବସ୍ଥାକୁ ଚାଲିଯାଏ, ସେ ଆଉ ଫେରିବାକୁ ଇଚ୍ଛା କରେ ନାହିଁ । ସେ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଯାଏ । ପ୍ରାଚୀନ ଯୁଗର ମୁନିଋଷିମାନେ ଭଗବାନଙ୍କ ସହିତ ଯୁକ୍ତ ହେବା ପାଇଁ ଓ ନିଜର ଶରୀର ରକ୍ଷା ପାଇଁ ଯୋଗ ସାଧନ କରୁଥିଲେ । ଯୋଗ ବା ପ୍ରାଣାୟମ କରିବା ଫଳରେ ଯୋଗୀମାନେ ଦୀର୍ଘଜୀବୀ ହୋଇପାରୁଥିଲେ ।

କଳିଯୁଗରେ ଅଳ୍ପାୟୁଷ ମାନବ ପାଖରେ ଦୀର୍ଘବର୍ଷ ଧରି ତପସ୍ୟା କରି ନିଜର ଆତ୍ମାକୁ ପରମାତ୍ମା ସହିତ ଯୁକ୍ତ କରିବା ଓ ଦିବ୍ୟାନୁଭୂତି ଲାଭ କରିବା ସମ୍ଭବ ନୁହେଁ, କିନ୍ତୁ ଅସମ୍ଭବ ବି ନୁହେଁ । ପଞ୍ଚଦଶ ଶତାବ୍ଦୀରେ ପଞ୍ଚସଖା ସାଧକ ଯଥା ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ଅଷ୍ଟାଙ୍ଗ ଯୋଗ ସାଧନ କରି ଦିବ୍ୟାନୁଭୂତି ଲାଭ କରିଥିଲେ । ଯୋଗୀ ଅରବିନ୍ଦ, ନିଗମାନନ୍ଦ ପ୍ରଭୃତି ଯୋଗ ସାଧନ କରି ଦିବ୍ୟାନୁଭୂତି ଲାଭ କରିଥିଲେ । ଏହି ଯୁଗରେ ମୀରାବାଈ ନିର୍ବିକଳ୍ପ ସମାଧି ଅବସ୍ଥାକୁ ଯାଇ ପରମାତ୍ମାଙ୍କ ସହିତ ଲୀନ ହୋଇଯାଇଥିଲେ । ସାଧାରଣତଃ ଯୋଗ ଓ ପ୍ରାଣାୟମର ଦୁଇଟି ଉଦ୍ଦେଶ୍ୟ । ଗୋଟିଏ ହେଲା ଭାଗବତ ପ୍ରାପ୍ତି ଓ ଅନ୍ୟଟି ଶରୀର ରକ୍ଷା । ଯାହା ଜଣାଯାଏ ଆଜିବି ଅନେକ ସାଧୁସନ୍ଥ ପରମାତ୍ମାଙ୍କ ସହିତ ଯୁକ୍ତ ହେବା ପାଇଁ ହିମାଳୟରେ ତପସ୍ୟାରତ । ଯେତେବେଳେ ଜଣେ ଯୋଗୀ ବା ସାଧକର ମନରେ ଭାଗବତ ସତ୍ତାକୁ ଅନୁଭବ କରିବାର ଇଚ୍ଛା ବଳବତ୍ତର ହୁଏ ତା' ଅନ୍ତର ଭିତରେ ଥିବା ଚିତ୍ ଶକ୍ତିକୁ ସେ ଜାଗ୍ରତ କରିଥାଏ । ଯାହାକୁ କୁଣ୍ଡଳିନୀ କୁହାଯାଏ । ଅପାନ ବାୟୁ ହୃଦୟରୁ ପ୍ରାଣ ବାୟୁକୁ ସାଥିରେ ନେଇ ଗୁହ୍ୟଙ୍ଗକୁ ଯାଇଥାଏ । ସେଠାରୁ ସେ କୁଣ୍ଡଳିନୀ ବା ଚିତ୍‌ଶକ୍ତିକୁ ଆସ୍ତେ ଆସ୍ତେ ଉର୍ଦ୍ଧ୍ୱମୁଖୀ କରି ଗୁହ୍ୟଚକ୍ରରୁ ଲିଙ୍ଗ ଚକ୍ରଲିଙ୍ଗ ଚକ୍ରରୁ ନାଭିଚକ୍ର, ନାଭିଚକ୍ରରୁ ହୃଦୟଚକ୍ର, ହୃଦୟଚକ୍ରରୁ କଣ୍ଠଚକ୍ର, କଣ୍ଠଚକ୍ରରୁ ଲଲାଟଚକ୍ରକୁ ନେଇଥାଏ । ଲଲାଟ ଚକ୍ରରେ ରାଧା ଓ କୃଷ୍ଣଙ୍କୁ ଦର୍ଶନ କରି ଦିବ୍ୟାନୁଭୂତି ଲାଭ କରିଥାଏ । କୌଣସି କାରଣରୁ ଯଦି ତା'ର ଚିତ୍‌ଶକ୍ତି ଉର୍ଦ୍ଧ୍ୱମୁଖୀ ନ ହୋଇପାରେ ବା ଯୋଗ ଭ୍ରଷ୍ଟ ହୁଏ ସେହି ଚିତ୍ ଶକ୍ତି ଇଆଁଳା ଓ ସୁଷୁମ୍ନା ନାଡି ଦେଇ ଗୁହ୍ୟ ଚକ୍ରକୁ ଫେରିଆସି ଏକ ବୃତ୍ତାକାରରେ ଘୁରିବୁଲେ । ଯଦି ସାଧକ ତା'ର କୁଣ୍ଡଳିନୀ ବା ଚିତ୍‌ଶକ୍ତିକୁ ପୁନର୍ବାର ଉର୍ଦ୍ଧ୍ୱଗାମୀ କରିବାକୁ ଚେଷ୍ଟା କରେ ତାହାହେଲେ ତା'ର ଚିତ୍‌ଶକ୍ତି ଲଲାଟଚକ୍ରରୁ ସତଦଳଚକ୍ର ଓ ସତଦଳଚକ୍ରରୁ ସହସ୍ରଦଳ ଚକ୍ରରେ ପହଂଚିଥାଏ । ଯାହାକୁ ସମାଧି ଅବସ୍ଥା କୁହାଯାଏ । ସାଧକ ମନରେ ଯଦି କିଛି ପାଇବାର ଆଶା ଥାଏ ତାକୁ ସବିକଳ୍ପ ସମାଧି କୁହନ୍ତି ଓ ଯଦି କିଛି ନଥାଏ ତାକୁ ନିର୍ବିକଳ୍ପ ସମାଧି କୁହନ୍ତି । ନିର୍ବିକଳ୍ପ ସମାଧି ଅବସ୍ଥା ପ୍ରାପ୍ତ ହେଲେ ସାଧକର ଆତ୍ମା ପରମାତ୍ମାଙ୍କ ସହିତ ମିଶିଯାଏ । ଆତ୍ମା ଓ ପରମାତ୍ମାର ମିଳନକୁ ସମାଧି ଅବସ୍ଥା କୁହାଯାଏ ।

ଯୋଗ ସାଧନ ପାଇଁ ପତଞ୍ଜଳି ମହର୍ଷି ଆଠଗୋଟି ପାବଚ୍ଛ ତିଆରି କରିଛନ୍ତି । ପ୍ରଥମ ପାବଚ୍ଛ ହେଲା ଯମ, ଅର୍ଥାତ୍ ସଂଯମତା ଅବଲମ୍ବନ କରିବା ବା ସମସ୍ତ ବିଷୟ ବାସନା ଓ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ ଠାରୁ ଦୂରେଇ ରହିବା । ଦ୍ୱିତୀୟରେ ନିୟମ ଅର୍ଥାତ୍, ଯୋଗ କରିବା ପୂର୍ବରୁ ଯାହା ଶାସ୍ତ୍ର ନିୟମ ଅଛି ସେଗୁଡିକୁ ପାଳନ କରିବା । ତୃତୀୟରେ ଆସନ ଯୋଗ କରିବା ପାଇଁ କିଭଳି ଆସନ ପ୍ରସ୍ତୁତ କରିବାକୁ ପଡିବ ସେ ସଂପର୍କରେ ଗୀତା ଓ ପତଞ୍ଜଳୀଙ୍କ ଦର୍ଶନରେ ଉଲ୍ଲେଖ ଅଛି । ସେଥିପ୍ରତି ଦୃଷ୍ଟି ଦେବାକୁ ପଡିବ । ଚତୁର୍ଥରେ ପ୍ରାଣାୟମ ଫଳରେ ପୁରକ ରୋଚକ ଓ କୁମ୍ଭକ ପଦ୍ଧତିରେ ବାୟୁ ପ୍ରଣାଳୀକୁ ନିଜ ଅଭ୍ୟାସକୁ ଆଣିବା । ପଞ୍ଚମରେ ପ୍ରତ୍ୟାହାର ଅର୍ଥାତ ସମସ୍ତ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁକୁ ପରିତ୍ୟାଗ କରିବା । ଷଷ୍ଠରେ ଧ୍ୟାନ ଅର୍ଥାତ ଭଗବାନଙ୍କ କୌଣସି ଏକ ଅଙ୍ଗକୁ ମନରେ ଧ୍ୟାନ କରିବା । ସପ୍ତମରେ ଧାରଣ, ଅର୍ଥାତ ଭଗବାନଙ୍କ ସମ୍ପୂର୍ଣ୍ଣ ଶରୀରକୁ ମନରେ ଚିନ୍ତନ କରିବା । ଶେଷରେ ସମାଧି ଅର୍ଥାତ ଏହି ଅବସ୍ଥା ପ୍ରାପ୍ତ ହେଲେ ସାଧକ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଯାଇଥାଏ । ସାଧାରଣତଃ ଯୋଗ ଓ ପ୍ରାଣାୟମ ଦ୍ୱାରା ଆମର ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଛି । ଗୋଟିଏ ହେଉଛି ଆତ୍ମା ଓ ପରମାତ୍ମାଙ୍କ ମିଳନ ଓ ଅନ୍ୟଟି ହେଉଛି ଶରୀର ରକ୍ଷା । ଯେଉଁ ସାଧକ ଆଠଗୋଟି ସୋପାନ ଅତିକ୍ରମ କରିଛି ସେ ଭଗବାନଙ୍କୁ ଦର୍ଶନ କରିପାରୁଛି, ଯେଉଁମାନେ ପ୍ରାଣାୟମ ପାଖରେ ରହିଯାଉଛନ୍ତି ସେମାନଙ୍କ ପାଇଁ ଯୋଗ ଏକ ଏକ୍ସରସାଇଜ୍ ବା ଶାରୀରିକ ଅଭ୍ୟାସ । ଆଜି ସୁସ୍ଥ ଓ ନିରୋଗ ରହିବା ପାଇଁ କୋଟି କୋଟି ଲୋକ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଯୋଗକୁ ଆପଣାଇ ନେଇଛନ୍ତି, ଫଳରେ ସେମାନଙ୍କ ଶରୀର ସୁସ୍ଥ ରହିବା ସହିତ ମାନସିକ ଓ ଆଧ୍ୟାତ୍ମିକ ଶାନ୍ତି ପାଇପାରୁଛନ୍ତି । ପ୍ରାଣାୟମ ଫଳରେ ଜଣେ ବ୍ୟକ୍ତି ଦୀର୍ଘଜୀବୀ ହୋଇପାରୁଛି ।

ଭାରତୀୟ ସନାତନ ସଂସ୍କୃତିର ଯୋଗ ଦର୍ଶନ ବିଶ୍ୱ ସମୁଦାୟକୁ ଏକ ଶ୍ରେଷ୍ଠ ବରଦାନ ବୋଲି କହିଲେ ଭୁଲ ହେବ ନାହିଁ । ଭାଗବତ ଗୀତାରେ ଭଗବାନ ସଂସାର ରୂପକ ମାୟା ବନ୍ଧନରୁ ମୁକ୍ତି ପାଇବା ପାଇଁ ତାଙ୍କର ପ୍ରିୟ ସଖା ଅର୍ଜୁନଙ୍କ ମାଧ୍ୟମରେ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗ ବିଷୟରେ ଅବତରଣ କରିଛନ୍ତି । ଜ୍ଞାନ ମାର୍ଗରେ ହଜାର ହଜାର ବର୍ଷ ତପସ୍ୟା କରି ଭଗବାନଙ୍କ ସହିତ ଯୁକ୍ତ ହେବା ଏକ କଠିନ ସମସ୍ୟା ବୋଲି ଭଗବାନ ଗୀତାରେ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବାକୁ ଭକ୍ତିମାର୍ଗ ସହଜ ଓ ଶ୍ରେଷ୍ଠ ମାର୍ଗ ବୋଲି ଭଗବାନ କହିଛନ୍ତି । ପ୍ରଥମେ ଭଗବାନଙ୍କ ସ୍ୱରୂପକୁ ନ ଜାଣିଲେ ଜଣେ କିଭଳି ଭକ୍ତି କରିପାରିବ! ତେଣୁ ଭକ୍ତିମାର୍ଗକୁ ଆପଣେଇବାକୁ ହେଲେ ଜ୍ଞାନର ଆବଶ୍ୟକତା ଅଛି । ଭଗବାନ ଯେ ସର୍ବଶକ୍ତିମାନ ଏକଥା ଜାଣିବା ପରେ ଜଣେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରିପାରିବ । ଭଗବାନ ଗୀତାରେ ୧୮ ଗୋଟି ଯୋଗ କଥା କହିସାରିବା ପରେ ଶେଷରେ ଅର୍ଜୁନଙ୍କୁ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହେବା ପାଇଁ ଉପଦେଶ ଦେଇଛନ୍ତି ଓ କହିଛନ୍ତି ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତି ଦେବି ।



୨୦୧୪ ମସିହା ସେପ୍ଟେମ୍ବର ୨୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦି ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଯୋଗର ଉପକାରିତା ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ଆଧାର କରି ସେହିବର୍ଷ ଡିସେମ୍ବର ୧୧ ତାରିଖରେ ଭାରତର ସ୍ଥାୟୀ ପ୍ରତିନିଧି ଶ୍ରୀ ଅଶୋକ ମୁଖାର୍ଜୀ ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଯୋଗକୁ ବିଶ୍ୱ ମାନ୍ୟତା ଦେବାକୁ ଏକ ଚିଠା ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ଏହି ପ୍ରସ୍ତାବଟିକୁ ୧୭୭ଟି ଦେଶ ସମର୍ଥନ କରିବାରୁ ପ୍ରସ୍ତାବଟି ବିନା ଭୋଟିଙ୍ଗ୍‌ରେ ୟୁନାଇଟେଡ୍ ନେସନ୍ସ ଜେନେରାଲ ଆସେମ୍ବ୍ଲିରେ ଗୃହିତ ହୋଇଥିଲା । ଏହି ପ୍ରସ୍ତାବଟି ଗୃହିତ ହେବା ପରେ ଭାରତବର୍ଷର ଅନେକ ଧର୍ମଗୁରୁ ରବିଶଙ୍କର ଜାଗି ବାସୁଦେବ ପ୍ରଧାନମନ୍ତ୍ରୀଙ୍କର ଭୂୟସୀ ପ୍ରଶଂସା କରିଥିଲେ । ନିୟମିତ ଭାବରେ ଜୁନ ୨୧ ତାରିଖଟି ୨୦୧୫ ମସିହାରୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି । ଗତବର୍ଷ କୋଭିଡ୍ ମହାମାରୀ ସମୟରେ ଯୋଗ ଓ ପ୍ରାଣାୟମକୁ ଲକ୍ଷ ଲକ୍ଷ ଲୋକ ଆପଣାଇ ନିଜକୁ ଏହି ମହାମାରୀରୁ ରକ୍ଷାପାଇବାରେ ସକ୍ଷମ ହୋଇପାରିଥିଲେ । ଭାରତୀୟ ସଂସ୍କୃତିର ଆଧାର ଯୋଗ ଦର୍ଶନ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ବିଶ୍ୱ ମାନ୍ୟତା ପାଇବା ପାଇଁ ସକ୍ଷମ ହୋଇପାରିଛି ।

*-ଅବସରପ୍ରାପ୍ତ ପୋଲିସ ଅଫିସର,*
*ମୋ: ୮୨୪୯୨୮୧୫୬୭*

# ଯୋଗ: ଏକ ସୁସ୍ଥ ଜୀବନର କଳା ଓ ବିଜ୍ଞାନ

...............ଡକ୍ଟର ଧୀରେନ୍ଦ୍ର ନନ୍ଦ...............



ଯୋଗ ହେଉଛି ଏକ ସୁସ୍ଥ ଜୀବନର କଳା ଓ ବିଜ୍ଞାନ । ଏହା ଏକ ଆଧ୍ୟାତ୍ମିକ ଅନୁଶାସନ ଏବଂ ଅତ୍ୟନ୍ତ ସୂକ୍ଷ୍ମ ବିଜ୍ଞାନ ଉପରେ ଆଧାରିତ ଜ୍ଞାନ ଯାହା ମନ ଏବଂ ଶରୀର ମଧ୍ୟରେ ସନ୍ତୁଳନ ସ୍ଥାପିତ କରିଥାଏ । ଯୋଗର ଅଭ୍ୟାସ ବ୍ୟକ୍ତିଗତ ଚେତନାକୁ ସାର୍ବଭୌମ ଚେତନା ସହିତ ଏକାକାର କରିଥାଏ । ଯିଏ ଯୋଗ ସହିତ ଅସ୍ତିତ୍ୱର ଏକତ୍ୱକୁ ଅନୁଭବ କରି ପାରିଛି ତାକୁ ଯୋଗୀ ବୋଲି କୁହାଯାଇଥାଏ । ଯୋଗୀ ପୂର୍ଣ୍ଣ ସ୍ୱାଧିନତା ହାସଲ କରି ମୁକ୍ତାବସ୍ଥା ପ୍ରାପ୍ତ କରିଥାଏ ଯାହାକୁ ମୁକ୍ତି ବା ନିର୍ବାଣ କୁହାଯାଇଥାଏ । ଯୋଗର ପ୍ରୟୋଗ ମାଧ୍ୟମରେ ମନୁଷ୍ୟ ତା'ର ଶରୀର ଏବଂ ମନ ମଧ୍ୟରେ ସନ୍ତୁଳନ ସ୍ଥାପିତ କରି ଆତ୍ମ ସାକ୍ଷାତକାର ପ୍ରାପ୍ତ କରିଥାଏ । ଯୋଗ ସାଧନା ସମସ୍ତ ତ୍ରିବିଧ ପ୍ରକାରର ଦୁଃଖରୁ ଆଧିଦୈବିକ, ଆଧିଆତ୍ମିକ ଓ ଆଧିଭୌତିକ ନିବୃତ୍ତି ପ୍ରାପ୍ତ କରିଥାଏ । ଏହାଦ୍ୱାରା ବ୍ୟକ୍ତି ତାର ଜୀବନରେ ପୂର୍ଣ୍ଣ ସ୍ୱାଧିନତା ତଥା ସ୍ୱାସ୍ଥ୍ୟ ପ୍ରସନ୍ନତା ଏବଂ ସନ୍ତୁଳନର ଅନୁଭୂତି ପ୍ରାପ୍ତ କରିଥାଏ । ଏହା ବ୍ୟକ୍ତିର ଶରୀର, ମନ, ଭାବନା ଏବଂ ଶକ୍ତି ଭଳି ବିଭିନ୍ନ ସ୍ତରରେ କାର୍ଯ୍ୟ କରିଥାଏ । ଏହାକୁ ବ୍ୟାପକ ଭାବେ ଚାରୋଟି ବର୍ଗରେ ବର୍ଗୀକରଣ କରାଯାଇପାରେ - କର୍ମ, ଜ୍ଞାନ, ଭକ୍ତି ଏବଂ କ୍ରିୟା ଯୋଗ । କର୍ମ ଯୋଗରେ ଆମେ ଶରୀରକୁ ବ୍ୟବହାର କରିଥାଉ, ଜ୍ଞାନ ଯୋଗରେ ଆମେ ମନର ପ୍ରୟୋଗ କରିଥାଉ, ଭକ୍ତି ଯୋଗରେ ଆମେ ଭାବନାର ପ୍ରୟୋଗ କରିଥାଉ ଏବଂ କ୍ରିୟା ଯୋଗରେ ଆମେ ଶକ୍ତିର ପ୍ରୟୋଗ କରିଥାଉ । ପ୍ରତ୍ୟେକ ବ୍ୟକ୍ତି ଏହି ଚାରି ଯୋଗ କାରକଗୁଡିକର ଏକ ଅଦ୍ୱିତୀୟ ସଂଯୋଗ । ଏକ ସକ୍ଷମ ଗୁରୁ ହିଁ ଯୋଗ୍ୟ ସାଧକଙ୍କୁ କେବଳ ସେମାନଙ୍କ ଆବଶ୍ୟକତା ଅନୁସାରେ ଆଧାରଭୂତ ଯୋଗ ସିଦ୍ଧାନ୍ତର ସଠିକ ସଂଯୋଜନା କରାଇପାରିବ । ଯୋଗର ସମସ୍ତ ପ୍ରାଚୀନ ବ୍ୟାଖ୍ୟାଗୁଡିକ ବିଷୟରେ ଅଧିକ ଜୋର ଦିଆଯାଇ କୁହାଯାଇଛି ଯେ ଏହାକୁ ସକ୍ଷମ ଗୁରୁଙ୍କ ମାର୍ଗଦର୍ଶନରେ ଅଭ୍ୟାସ କରିବା ଅତ୍ୟନ୍ତ ଆବଶ୍ୟକ । ଯୋଗର ଅଲଗା ଅଲଗା ସଂପ୍ରଦାୟ, ପରମ୍ପରା, ଦର୍ଶନ, ଧର୍ମ ଏବଂ ଗୁରୁ-ଶିଷ୍ୟ ପରମ୍ପରା କାରଣରୁ ଭିନ୍ନ ଭିନ୍ନ ପାରମ୍ପରିକ ପାଠଶାଳାର ମାର୍ଗ ପ୍ରଶସ୍ତ ହୋଇଛି । ଏଥିରେ ଜ୍ଞାନ ଯୋଗ, କର୍ମ ଯୋଗ, ପାତଞ୍ଜଳୀ ଯୋଗ, କୁଣ୍ଡଳିନୀ ଯୋଗ, ହଠ ଯୋଗ, ଧ୍ୟାନ ଯୋଗ, ମନ୍ତ୍ର ଯୋଗ, ଲୟ ଯୋଗ, ରାଜ ଯୋଗ, ଜୈନ ଯୋଗ, ବୌଦ୍ଧ ଯୋଗ ଆଦି ସମିଶ୍ରଣ ଘଟିଛି । ଯୋଗ ଶବ୍ଦ ଯୁଜ୍ ଧାତୁରୁ ଆସିଛି ଯାହାର ଅର୍ଥ ସାମିଲ୍ ହେବା ବା ଏକାଠି ହେବା । ଏହାର ଉଦ୍ଭବ ହଜାର ହଜାର ବର୍ଷ ପୂର୍ବେ ହୋଇଛି । ଶ୍ରୁତି ପରମ୍ପରା ଅନୁସାରେ ଭଗବାନ ଶିବ ଯୋଗ ବିଦ୍ୟାର ଆଦି ଗୁରୁ, ଯୋଗୀ ବା ଆଦିଯୋଗୀ । ହଜାର ହଜାର ବର୍ଷ ପୂର୍ବେ ହିମାଳୟ କାନ୍ତି ସରୋବର ହ୍ରଦ ନିକଟରେ ଏହି ଆଦିଯୋଗୀ ଯୋଗର ଗୁଢ ଜ୍ଞାନକୁ ସପ୍ତଋଷିମାନଙ୍କୁ ଦେଇଥିଲେ । ସପ୍ତଋଷିମାନେ ଏହି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯୋଗ ବିଦ୍ୟାକୁ ମଧ୍ୟ-ପୂର୍ବ ଏସିଆ, ଉତ୍ତର ଆଫ୍ରିକା, ଦକ୍ଷିଣ ଆମେରିକା ସହିତ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରସାରିତ କରିଥିଲେ । ଆଧୁନିକ ବିଜ୍ଞାନ ସମ୍ପୂର୍ଣ୍ଣ ବିଶ୍ୱର ବିଭିନ୍ନ ପ୍ରାଚୀନ ସଂସ୍କୃତି ଗୁଡିକରେ ଥିବା ସମାନତାକୁ ନେଇ ଚକିତ । ଭାରତ ଭୂମି ହେଉଛି ସେହି ଭୂମି ଯେଉଁଠାରେ ଯୋଗବିଦ୍ୟା ସଂପୂର୍ଣ୍ଣ ଭାବେ ଅଭିବ୍ୟକ୍ତ ହୋଇଥିଲା । ଭାରତୀୟ ଉପମହାଦେଶରେ ଭ୍ରମଣ କରିଥିବା ସପ୍ତଋଷି ଏବଂ ଅଗସ୍ତ୍ୟ ମୁନି ଏହି ଯୋଗକୁ ସଂସ୍କୃତିର ପ୍ରାଣ ରୂପେ ବିଶ୍ୱର ପ୍ରତ୍ୟେକ ଭାଗରେ ପ୍ରସାରିତ କରିଥିଲେ ।

ଯୋଗର ବ୍ୟାପକ ସ୍ୱରୂପ ତଥା ପରିଣାମ ସିନ୍ଧୁ ଓ ସରସ୍ୱତୀ ନଦୀ ସଭ୍ୟତା ଖ୍ରୀ.ପୂ. ୨୭୦୦ ସମୟର ବୋଲି ମନେକରାଯାଇପାରେ । ସିନ୍ଧୁ ଓ ସରସ୍ୱତୀ ନଦୀ ସଭ୍ୟତାରେ ଯୋଗ ସାଧନା କରୁଥିବା ଅନେକ ଆକୃତି ଚିହ୍ନ ସେଠାରୁ ମିଳିଥିବା ଅନେକ ମୋହର ଓ ଜୀବାଶ୍ମର ଅବଶେଷ ପ୍ରମାଣିତ କରେ ଯେ ପ୍ରଚୀନ ଭାରତରେ ଯୋଗର ଅସ୍ତିତ୍ୱ ଥିଲା । ସରସ୍ୱତୀ ନଦୀ ସଭ୍ୟତାରୁ ମିଳିଥିବା ଦେବା-ଦେବୀ ମାନଙ୍କର ମୂର୍ତ୍ତୀ ଓ ମୋହର ତନ୍ତ୍ରଯୋଗର ସଙ୍କେତ ପ୍ରଦାନ କରେ । ବୈଦିକ ଏବଂ ଉପନିଷଦ ପରମ୍ପରା; ଶୈବ, ବୈଷ୍ଣବ ତଥା ତାନ୍ତ୍ରିକ ପରମ୍ପରା; ଭାରତୀୟ ଦର୍ଶନ, ରାମାୟଣ ଏବଂ ଭାଗବତ ଗୀତା ସମେତ ମହାଭାରତ ଭଳି ମହାକାବ୍ୟ; ବୌଦ୍ଧ ଏବଂ ଜୈନ ପରମ୍ପରା ସହିତ ବିଶ୍ୱର ଲୋକ ପରମ୍ପରାରେ ମଧ୍ୟ ଯୋଗର ପ୍ରୟୋଗ ମିଳିଥାଏ । ଯୋଗର ଅଭ୍ୟାସ ପ୍ରାକ ବୈଦିକ କାଳରେ ମଧ୍ୟ କରାଯାଉଥିଲା । ମହର୍ଷୀ ପତଞ୍ଜଳୀ ସେହି ସମୟରେ ପ୍ରଚଳିତ ପ୍ରାଚୀନ ଯୋଗ ଅଭ୍ୟାସଗୁଡ଼ିକୁ ବ୍ୟବସ୍ଥିତ ଓ ବର୍ଗୀକୃତ କରି ଏହାର ଫଳାଫଳ ଏବଂ ଏଥିସହିତ ସମ୍ପର୍କିତ ଜ୍ଞାନକୁ ପାତଞ୍ଜଳୀ ସୂତ୍ର ନାମକ ଗ୍ରନ୍ଥରେ କ୍ରମବଦ୍ଧ ଭାବେ ବ୍ୟବସ୍ଥାପିତ କରିଥିଲେ । ପତଞ୍ଜଳୀଙ୍କ ପରେ ଋଷି ଏବଂ ଆଚାର୍ଯ୍ୟମାନେ ଯୋଗ ଅଭ୍ୟାସ ଓ ଯୌଗିକ ସାହିତ୍ୟ ମାଧ୍ୟମରେ ଏହି କ୍ଷେତ୍ରରେ ସଂରକ୍ଷଣ ଓ ବିକାଶରେ ମହାନ ଯୋଗଦାନ ଦେଇଛନ୍ତି । ପ୍ରତିଷ୍ଠିତ ଯୋଗ ଆଚାର୍ଯ୍ୟମାନେ ଶିକ୍ଷା ମାଧ୍ୟମରେ ଯୋଗ ପ୍ରାଚୀନ କାଳରୁ ଆଜି ସଂପୂର୍ଣ୍ଣ ବିଶ୍ୱରେ ବିସ୍ତାର ଲାଭ କରିଛି । ଯୋଗ ଅଭ୍ୟାସ ଦ୍ୱାରା ରୋଗ ବ୍ୟାଧି ମୁକ୍ତ ତଥା ଆରୋଗ୍ୟ ହେବା ସମ୍ପର୍କରେ ଆଜି ସମସ୍ତଙ୍କଠାରେ ଏହା ଦୃଢ ବିଶ୍ୱାସ ସୃଷ୍ଟି କରିପାରିଛି । ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଯୋଗରୁ ଲାଭାନ୍ୱିତ ହୋଇଛନ୍ତି । ଆଜି ଦିନରେ ଯୋଗ ପ୍ରତିଦିନ ବିକଶିତ ଓ ସମୃଦ୍ଧ ହୋଇପାରିଛି ଏବଂ





ଯୌଗିକ ଅଭ୍ୟାସ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି ।

୨୦୧୪ ମସିହା ସେପ୍ଟେମ୍ବର ୨୭ ତାରିଖ ଦିନ ମିଳିତ ଜାତିସଂଘ ସାଧାରଣ ଅଧିବେଶନକୁ ସମ୍ବୋଧିତ କରି ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ସମୁଦାୟକୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ୧୧ ଡିସେମ୍ବର ୨୦୧୪ରେ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୧୯୩ ସଦସ୍ୟମାନଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୧୭୭ ସମର୍ଥକ ଦେଶଙ୍କ ସହିତ ୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରିବା ସଂକଳ୍ପକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲେ । ଏହି ସଂକଳ୍ପରେ ମିଳିତ ଜାତିସଂଘ ସାଧାରଣ ଅଧିବେଶନ ସ୍ୱୀକାର କଲା ଯେ ଯୋଗ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ପୂର୍ଣ୍ଣତାବାଦୀ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଏହା ଜୀବନର ସମସ୍ତ ବିଷୟ ମଧ୍ୟରେ ସନ୍ତୁଳନ ସ୍ଥାପିତ କରିଥାଏ । ତେଣୁ ରୋଗକୁ ପ୍ରତିହତ କରିବା ସହିତ ସ୍ୱାସ୍ଥ୍ୟ ସମ୍ବର୍ଦ୍ଧନ ତଥା ଜୀବନଶୈଳୀ ସମ୍ପର୍କିତ ବିକାରର ପରିଚାଳନା ପାଇଁ ମଧ୍ୟ ଏହାକୁ ସ୍ୱୀକାର କରାଯାଇଥାଏ । ଯୋଗ ବିଶ୍ୱର ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ ତଥା ସେମାନଙ୍କର ଲାଭ ପାଇଁ ବିସ୍ତୃତ ଭାବେ କାମ କରିପାରିବ । କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସକୁ ୨୧ ଜୁନ୍ ୨୦୧୫ରେ ନୂଆଦିଲ୍ଲୀର ରାଜପଥଠାରେ ସଫଳତା ପୂର୍ବକ ଆୟୋଜନ କରିଥିଲେ । ଏଥିରେ ଦୁଇଟି ବିଷୟ ଗିନିଜ୍ ବୁକ ଅଫ୍ ବିଶ୍ୱ ରେକର୍ଡସ୍‌ରେ ସ୍ଥାନ ପାଇଥିଲା । ଏଥିରେ ୩୫,୯୮୫ ଜଣ ଭାଗ ନେଇଥିଲେ, ଯାହାକି ଏକ ବିଶ୍ୱ ରେକର୍ଡ ଥିଲା । ସେହିପରି ଗୋଟିଏ ଅଭ୍ୟାସ ଅଧିବେଶନରେ ୮୪ଟି ଦେଶର ନାଗରିକ ଭାଗ ନେଇଥିଲେ । ଏହା ମଧ୍ୟ ଏକ ବିଶ୍ୱ ରେକର୍ଡ ଥିଲା । ବିଜ୍ଞାନ ଭବନରେ ୨୧ ଓ ୨୨ ଜୁନ୍ ୨୦୧୫ରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଷୟକୁ ନେଇ ଏକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ହୋଇଥିଲା । ଏଥିରେ ଭାରତ ତଥା ବିଦେଶର ପାଖାପାଖି ୧୩ ଶହ ପ୍ରତିନିଧି ଭାଗ ନେଇଥିଲେ । ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି ଆନ୍ତର୍ଜାତିକ ଯୋଗ ଦିବସରେ ଭାରତ ତଥା ବିଶ୍ୱର ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଥିଲେ ।

ଯୋଗ ମାନବତା ଓ ଆଧ୍ୟାତ୍ମିକ ଉଭୟ ରୂପରେ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରସ୍ତୁତ କରି ନିଜକୁ ପ୍ରମାଣିତ କରିଛି । ଏହା ପ୍ରାଚୀନ ଭାରତୀୟ ପରମ୍ପରା ଓ ସଂସ୍କୃତିର ଅମୂଲ୍ୟ ବରଦାନ । ଏହାର ଅଭ୍ୟାସ ଶରୀର ଏବଂ ମନ, ବିଚାର ଏବଂ କର୍ମ, ଆତ୍ମସଂଯମ, ପୂର୍ଣ୍ଣତାର ଏକାତ୍ମକତା ତଥା ମାନବ ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ସ୍ଥାପିତ କରିଥାଏ । ଏହା ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ପୂର୍ଣ୍ଣତାବାଦୀ ଦୃଷ୍ଟିକୋଣ । ଏହା କେବଳ ବ୍ୟାୟାମ୍ ନୁହେଁ ବରଂ ନିଜ ସହ ବିଶ୍ୱ ଓ ପ୍ରକୃତିକୁ ଏକତ୍ୱ ଖୋଜିବାର ଭାବ । ଏହା ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ଭିତରେ ସଚେତନତା ସୃଷ୍ଟି କରିଥାଏ ତଥା ପ୍ରାକୃତିକ ପରିବର୍ତ୍ତନ ଦ୍ୱାରା ଶରୀରରେ ହେଉଥିବା ପରିବର୍ତ୍ତନକୁ ସହ୍ୟ କରିବାରେ ସହାୟକ ହୋଇଥାଏ । ଏହା ଜଳବାୟୁ ପରିବର୍ତ୍ତନ କରିବାର ମୁକାବିଲା କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହି ଆନ୍ତର୍ଜାତିକ ଯୋଗ ଦିବସରେ ଯୋଗକୁ ସ୍ୱୀକାର କରି ଆମେ ଆମର ମନକୁ ସବୁବେଳେ ସନ୍ତୁଳିତ ରଖିବା ସହିତ ନିଜର ଆତ୍ମବିକାଶ କରାଇବା ହେଉଛି ଆଜିର ଆହ୍ୱାନ । ତେବେ ଆସନ୍ତୁ ଆଜି ଦିନରେ ଆମେ ପ୍ରତ୍ୟେକେ ଏକ ସ୍ୱରରେ ସଂକଳ୍ପ ନେବା-"ମୁଁ ନିଜକୁ ଏକ ସୁସ୍ଥ, ଶାନ୍ତିପ୍ରିୟ, ଆନନ୍ଦପୂର୍ଣ୍ଣ ମାନବ ଭାବେ ଗଢିବା ପାଇଁ ସଂକଳ୍ପ ନେଉଛି । ମୁଁ ନିଜର ପ୍ରତ୍ୟେକ କାର୍ଯ୍ୟ ଜରିଆରେ ନିଜର ଚାରିଆଡେ ଶାନ୍ତି ଓ ସ୍ନେହପୂର୍ଣ୍ଣ ବାତାବରଣ ତିଆରି କରିବାକୁ ଚେଷ୍ଟା କରିବି । ମୁଁ ନିଜର ଅହଂକୁ ସମାପ୍ତ କରିବାକୁ ଚେଷ୍ଟା କରିବି ଓ ସମଗ୍ର ବିଶ୍ୱକୁ ନିଜ ମଧ୍ୟରେ ସମାହିତ କରିବାକୁ ଚେଷ୍ଟା କରିବି । ମୁଁ ଅନ୍ୟର ଜୀବନରେ ନିଜର ଜୀବନ ସମ୍ବନ୍ଧକୁ ଚିହ୍ନିବି । ମୁଁ ଏଠାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ସହିତ ଏକାତ୍ମ ହେବାକୁ ଚେଷ୍ଟା କରିବି ।" ଆସନ୍ତୁ ସମସ୍ତେ ଏକ ସ୍ୱରରେ କହିବା-

*"ସମସ୍ତେ ସୁଖୀ ରୁହନ୍ତୁ । ସମସ୍ତେ ନିରୋଗୀ ହୁଅନ୍ତୁ । ସମସ୍ତେ ନିରାମୟ ହୁଅନ୍ତୁ । ସମସ୍ତଙ୍କର ମଙ୍ଗଳ ହେଉ । କେହି ଦୁଃଖୀ ନ ହୁଅନ୍ତୁ- ସର୍ବେ ଭବନ୍ତୁ ସୁଖୀନଃ । ସର୍ବେ ସନ୍ତୁ ନିରାମୟା । ସର୍ବେ ଭଦ୍ରାଣି ପଶ୍ୟନ୍ତୁ । ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।"*

*-ପ୍ରାନ୍ତ ବିଚାର ପ୍ରମୁଖ ଏବଂ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱଦେଶୀ ଜାଗରଣ ମଞ୍ଚ, ଓଡିଶା । ଚେୟାରମ୍ୟାନ୍, ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି (ଭାରତ) । ଖୋର୍ଦ୍ଧା-୭୫୨୦୫୭ (ଓଡିଶା), ଚଳଭାଷ-୯୪୩୭୦୦୬୭୨୫*
*e-mail- dr.dhirendra.nanda@gmail.com.*




# ସଂସ୍କାର ଭାରତୀ ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଅଖିଳ ଭାରତୀୟ ସାଂସ୍କୃତିକ ସଂଗଠନ ସଂସ୍କାର ଭାରତୀର ସଂସ୍ଥାପକ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କର ଗତ ୧୦ ତାରିଖ ଶୁକ୍ରବାର ଦିନ ଲକ୍ଷ୍ନୌଠାରେ ମହାପ୍ରୟାଣ ହୋଇଯାଇଛି । ଯୋଗେନ୍ଦ୍ରଜୀଙ୍କ ସ୍ମୃତି ପ୍ରତି ସମ୍ମାନପ୍ରଦର୍ଶନ ଉଦ୍ଦେଶ୍ୟରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

୧୯୮୧ ମସିହା ବେଳକୁ ଯୋଗେନ୍ଦ୍ରଜୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ଦେଶର କଳା ଓ କଳାକାରମାନଙ୍କୁ ଏକତ୍ରିତ କରି ଏକ ରାଷ୍ଟ୍ରୀୟ ସଂଗଠନ ପ୍ରତିଷ୍ଠା ହୋଇଥିଲା । ଏହାର ନାମ ରହିଲା ସଂସ୍କାର ଭାରତୀ । ଅଦମ୍ୟ ଉତ୍ସାହ, ଅବିରତ ସଂକଳ୍ପ ଶକ୍ତି ବଳରେ ବାବା ଯୋଗେନ୍ଦ୍ରଜୀ ଏହି ଅନୁଷ୍ଠାନକୁ ଏକ ବିଶାଳ ଅନୁଷ୍ଠାନରେ ପରିଣତ କରିଛନ୍ତି । ବାବା ଯୋଗେନ୍ଦ୍ରଜୀଙ୍କ ଜନ୍ମ ୧୯୨୪ ମସିହା ଉତରପ୍ରଦେଶର ବସ୍ତି ଜିଲ୍ଲାରେ ହୋଇଥିଲା । ୧୯୪୨ ମସିହାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରେ ଯୋଗଦେବା ପରଠାରୁ ସେ ୯୮ ବର୍ଷରେ ଦେହାନ୍ତ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ସକ୍ରିୟତାର ସହ ସଂସ୍କାର ଭାରତୀର ମାର୍ଗ ଦର୍ଶକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦେହାନ୍ତ ଭାରତୀୟ ସାଂସ୍କୃତିକ ସଂଗଠନରେ ଏକ ଅପୂରଣୀୟ କ୍ଷତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ, ସମ୍ବର୍ଦ୍ଧନ କରିବାରେ ସମର୍ପିତ ହୋଇଥିଲା ତାଙ୍କର ଜୀବନ । ନିଜେ ଜଣେ କଳାକାର ଭାବରେ କଳାକାରମାନଙ୍କ ସମସ୍ୟାକୁ ଉପଲବ୍ଧି କରି ସେମାନଙ୍କ କଲ୍ୟାଣ ସାଧନ ପାଇଁ ସେ ବହୁବିଧ ଉଦ୍ୟମ କରି ଆସିଥିଲେ । ସର୍ବଭାରତୀୟ ସଂସ୍କୃତିପୁରୁଷ ଭାବରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ଜୟଦେବ ସେଠ୍, ବିଶ୍ୱନାଥ ବାରିକ, କମଳେଶ ଦାଶ, ଆନନ୍ଦ ଚନ୍ଦ୍ର ପାଣ୍ଡେ, ଜଗନ୍ନାଥ ପଟ୍ଟନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସଂଜୟ କୁମାର ମିଶ୍ର, ଅସିତବରଣ ମହାପାତ୍ର ପ୍ରମୁଖ ପଦ୍ମଶ୍ରୀ ବାବା ଯୋଗେନ୍ଦ୍ରଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ନିତାଇ ନନ୍ଦ, ଦିଲ୍ଲୀପ ଜେନା, ଶ୍ରୀକାନ୍ତ ଦାସ, ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସସରସାଇଜ ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସମନ ଟେବୁଲ ଟପ ଏକ୍ସସରସାଇଜ ବୈଠକ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓସଡମା ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନର ପଦ୍ମନାଭ ବେହେରା ଯୋଗଦେଇ ୧୯୯୯ ମସିହା ମହାବାତ୍ୟା ପରେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ନିମନ୍ତେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଉପରେ ଗୁରୁତ୍ୱାରୋପ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ କରି ଗ୍ରାମପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଗଠନ କରାଯାଇଥିବା କମିଟିର ସଦସ୍ୟମାନଙ୍କ ସହଯୋଗ ଓ ସହଭାଗିତା ଯୋଗୁଁ ଆମେ ଜିଲ୍ଲାରେ ଶୂନ୍ୟ ମୃତ୍ୟୁହାର ପାଇଁ ରାଜ୍ୟରେ ସୁନାମ ଅର୍ଜନ କରିଛୁ ବୋଲି ମତବ୍ୟକ୍ତ କରିଥିଲେ । ବୈଠକରେ ଯୋଗଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଅନୀତା ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବେସାମରିକ ଯୋଗାଣ ଅଧିକାରୀ, ଜଳସେଚନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ, ରାସ୍ତା ଓ କୋଠାବାଡି ଡିଭିଜନର ନିର୍ବାହୀ ଯନ୍ତ୍ରୀମାନେ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସମ୍ପର୍କରେ ସ୍ୱତନ୍ତ୍ର ଯୁଗ୍ମ ରିଲିଫ କମିଶନରଙ୍କୁ ଅବଗତ କରାଇଥିଲେ । ସହକାରୀ




କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ତୃଣମୂଳ ସ୍ତରରେ ଜନ ସଚେତନତା ସୃଷ୍ଟି କରିପାରିଲେ ବାତ୍ୟା, ବନ୍ୟା ତଥା ଅନ୍ୟାନ୍ୟ ବିପର୍ଯ୍ୟୟର ମୁକାବିଲା କରିବା ସହ ଧନ ଜୀବନ ହାନୀକୁ ରୋକାଯାଇପାରିବ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ । ଓଡିଶା ୨୦ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ମଧ୍ୟରୁ ମହାକାଳପଡା ଓ ରାଜନଗର ବ୍ଲକର ୨୧ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୭୫ଟି ଗ୍ରାମରେ ବାସ କରୁଥିବା ପ୍ରାୟ ୨ଲକ୍ଷ ୨୦ହଜାର ଲୋକ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ମତବ୍ୟକ୍ତ କରିଥିଲେ । ଆସନ୍ତା କାଲି ୧୧୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ମକଡ୍ରିଲରେ ନୋଡାଲ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ , ବାତ୍ୟା ଆଶ୍ରୟସ୍ଥଳୀ କମିଟିର ସଭାପତି ଓ ସମ୍ପାଦକମାନେ ଅଂଶଗ୍ରହଣ କରିବେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ବନ୍ୟା, ବାତ୍ୟା, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯଥା ଫନି, ହୁଡୁହୁଡୁ, ଜୱାଦ, ୟାଶ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲା ଠାରୁ ଆରମ୍ଭ ଅଗ୍ନିଶମ ଅଧିକାରୀ ଜିଲ୍ଲାରେ କାର୍ଯ୍ୟକ୍ଷମ ୧୦ଟି ଫାୟାର ଷ୍ଟେସନରେ ୩ହଜାର ୨ଶହଟି ଗଛକଟା ମେସିନ କରତ, ୨୨ଟି ଆସକାଲାଇଟକୁ କାର୍ଯ୍ୟକ୍ଷମ କରି ରଖାଯିବା ସହ ପେଟ୍ରୋଲ ଓ ୨ଟି ପ୍ରଭୃତି ଆବଶ୍ୟକ ସରଞ୍ଜାମକୁ ମହଜୁଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ । ଏହି ବୈଠକରେ ରାଜନଗର ଡିଏଫଓ ଯଜ୍ଞଦ□ପତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା, ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମାହାଳିକ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଏନଡିଆରଏଫର ସବଇନିସପେକ୍ଟର ଓ ପ୍ରଶିକ୍ଷକ ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଜରୁରୀ ଅଧିକାରୀ ହେମଲତା ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଗ୍ନିପଥ ଯୋଜନା ବାତିଲ ହେଉ !

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାରଙ୍କର ଅଗ୍ନିପଥ ଯୋଜନାକୁ ଡି.ୱାଇ.ଏଫ୍.ଆଇ. ତୀବ୍ର ପ୍ରତିବାଦ କରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରୁଛି । ଏହା ଏକ ଜାତୀୟ ସ୍ୱାର୍ଥବିରୋଧୀ ନୀତି ବୋଲି ଡିୱାଇଏଫ୍ଆଇ ତରଫରୁ କୁହାଯାଇଛି । ପେସାଦାର/ ବୃ□ିଗତ ସେନାବାହିନୀ ପାଇଁ ଠିକା ଭି□ିରେ ୪ ବର୍ଷ ପାଇଁ ନିଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା ପେନ୍ସନ୍ ଅର୍ଥକୁ ବଞ୍ଚାଇବାକୁ ଯାଇ ସେନାବାହିନୀର ଗୁଣ ଓ ଦକ୍ଷତା ପ୍ରତି ସାଲିସ୍ କରାଯାଇଛି ।

କେନ୍ଦ୍ର ସରକାରୀ ଦପ୍ତରରେ ୨୩ ଲକ୍ଷ ପଦବୀ ଖାଲି ଥିଲାବେଳେ ଗତ ୨ ବର୍ଷ ହେଲା ସେନାରେ ନିଯୁକ୍ତି ଦିଆଯାଇନାହିଁ । ବିଜେପି ସରକାର ବର୍ଷକୁ ୨ କୋଟି ନିଯୁକ୍ତି ଦେବା କଥା କହି ଯୁବକମାନଙ୍କୁ ପ୍ରତାରଣା କରିଛନ୍ତି । ଏତିକିବେଳେ ସ୍ଥାୟୀ ନିଯୁକ୍ତି ନଦେଇ ସେନାରେ ୪ ବର୍ଷିଆ ଠିକା ନିଯୁକ୍ତି ଦେବା ଘୋଷଣା ଯୁବକ ମାନଙ୍କର ଭବିଷ୍ୟତ ପ୍ରତି କୌଣସି ଧ୍ୟାନ ନାହିଁ ବୋଲି ପ୍ରମାଣିତ କରୁଛି । ଏହାର ପରିଣାମସ୍ୱରୂପ ଠିକା ନିଯୁକ୍ତିରେ ତାଲିମପ୍ରାପ୍ତ ଏହି ସୈନିକବଳ ପରବ□ୀ ସମୟରେ ଘରୋଇ ସଶସ୍ତ୍ରବାହିନୀରେ ପରିଣତ ହେବ ।

ନିଯୁକ୍ତିର ସର୍ବନିମ୍ନ ନିରାପ□ା ନଥାଇ ଆମ ଯୁବକମାନଙ୍କୁ ସର୍ବୋ□ମ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଏକ ଅପରାଧ । ସାରା ଦେଶରେ ଏହି ଭୟଙ୍କର ଯୋଜନା ବିରୁଦ୍ଧରେ ଯୁବକଯୁବତୀ ମାନଙ୍କର ପ୍ରତିବାଦ ପୁଞ୍ଜିଭୂତ ଅସନ୍ତୋଷକୁ ହିଁ ପ୍ରତିଫଳିତ କରୁଚି ।

ଏହି ପରିସ୍ଥିତିରେ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଡି.ୱାଇ.ଏଫ୍.ଆଇ. ଦାବି କରିବା ସହ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରୁଛି ।

# ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି । ଏହି ଟ୍ରାନ୍ସଫରମର ମୁକୁଳା ହେବା ଫଳରେ ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଛନ୍ତି ଓ ସେମାନଙ୍କ ଜୀବନ ମଧ୍ୟ ବିପଦରେ ପଡିଛି । କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଗୋଟିଏ ଗାଈ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ମୃତ୍ୟୁବରଣ କରିଥିଲା ଏବଂ ଏହାପୂର୍ବରୁ ୩/୪ଟି ପଶୁ ଉକ୍ତ ସ୍ଥାନରେ ମୃତ୍ୟୁବରଣ କରିଥିଲେ ଏବଂ କେତେକ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି । ଯେହେତୁକି ଟ୍ରାନ୍ସଫରମଟି ମୁକୁଳା ହୋଇପଡିଛି । ରାତ୍ରି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି । ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ । ଯାହାଫଳରେ ସାଧାରଣ ମଣିଷର ଜୀବନ ବାଜିରେ ଲାଗିପଡିଛି । ଏଣୁ ଗାଙ୍ଗୋତ୍ରୀନଗରବାସୀମାନେ ସରକାରଙ୍କୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ସାଧାରଣ ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଅନୁରୋଧ କରିଛନ୍ତି ।

# ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ



ବାଲେଶ୍ୱର (ପିଏନ୍)-ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସ୍ଥାନୀୟ ସଦର ବ୍ଲକ ସାରଗାଁ ସମବାୟ ସମିତିରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । ଚଳିତ ବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲ୍ଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ମୋଟ ୩୪ ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ । ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୋଟ ୪ଲକ୍ଷ ୩୬ହଜାର ୭୬୪ କ୍ୱିଂଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସୁବ୍ୟବସ୍ଥିତ ଢଙ୍ଗରେ ଧାନ ସଂଗ୍ରହ ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଯେଭଳି ସିଧାସଳଖ ଟଙ୍କା ପହଂଚିପାରିବ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏଙ୍କ ସମେତ, ଯୋଗାଣ ବିଭାଗ କର୍ମଚାରୀ, ସମବାୟ ସମିତିର କର୍ମକର୍ତା ଓ ଚାଷୀମାନେ ଉପସ୍ଥିତ ଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com


# ବରିଷ୍ଠ ସ୍ତମ୍ଭ ଲେଖକ ଆର୍ତ ମିଶ୍ର ପାଇଲେ ଅଷ୍ଟାଦଶ ନାରଦ ସମ୍ମାନ

ଭୁବନେଶ୍ୱର (ପିଏନ୍): ଅର୍ଦ୍ଧ ଶତାବ୍ଦୀର ସାମ୍ବାଦିକତା ଓ ସ୍ତମ୍ଭ ରଚନା ସମୟ ମଧ୍ୟରେ ତିନି ଦଶନ୍ଧି ଇଂରାଜୀ ଭାଷାରେ ଏବଂ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଭାଷାରେ ସାଧନା ଜାରି ରଖିଥିବା, ଯାହାଙ୍କର ରୋକ୍ ଠୋକ୍ ଶବ୍ଦ ଓ ବେସାଲିସ ଆଭିମୁଖ୍ୟ ତାଙ୍କୁ ଜଣେ ପ୍ରଚଣ୍ଡ ରାଷ୍ଟ୍ରବାଦୀ ସ୍ତମ୍ଭକାର ଭାବେ ପରିଚିତ କରାଇଛି, ସେଭଳି ଜଣେ ଦେଶପ୍ରେମୀ ସ୍ତମ୍ଭକାର ଶ୍ରୀ ଆର୍ତ ମିଶ୍ରଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ୨୦୨୨ ବର୍ଷ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ନାରଦ ସମ୍ମାନରେ ବିଭୂଷିତ କରାଯାଇଛି ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବରିଷ୍ଠ ସ୍ତମ୍ଭ ଲେଖକ ଅଧ୍ୟାପକ ନିରଞ୍ଜନ ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ 'ଅଷ୍ଟାଦଶ ନାରଦ ସମ୍ମାନ' ଉତ୍ସବ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀଯୁକ୍ତ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ସମ୍ପର୍କ ପ୍ରମୁଖ ଆଡଭୋକେଟ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତରୀୟ, ନାରିକେଳ ଓ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଶ୍ରୀ ସାଇ ପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରଦ ଜୟନ୍ତୀ ସମାରୋହ ସମିତିର ବରିଷ୍ଠ ସଦସ୍ୟ ଶ୍ରୀ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱରର ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ।

ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ଗଣମାଧ୍ୟମରେ ସ୍ୱାଧୀନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଥିବା, ଜନସାଧାରଣଙ୍କୁ ନିରପେକ୍ଷ, ମୁକ୍ତ ଓ ଦାୟିତ୍ୱସମ୍ପନ୍ନ ସମ୍ବାଦ ପରିବେଷଣ ସହ ରାଷ୍ଟ୍ରୀୟ ବିଚାରଧାରାର ପ୍ରସାର ପାଇଁ ଲେଖନୀଚାଳନା କରୁଥିବା ଗଣମାଧ୍ୟମର ବ୍ୟକ୍ତିତ୍ୱଙ୍କୁ ପ୍ରତିବର୍ଷ ନାରଦ ଜୟନ୍ତୀରେ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଇଥାଏ । ୨୦ବର୍ଷ ଧରି ବିଶ୍ୱ ସମ୍ବାଦ କେନ୍ଦ୍ର ତରଫରୁ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ କରାଯିବା ସହ ରାଜ୍ୟର ଜଣେ ବରିଷ୍ଠ ତଥା ବିଶିଷ୍ଟ ସାମ୍ବାଦିକଙ୍କୁ ରାଜ୍ୟସ୍ତରୀୟ ନାରଦ ସମ୍ମାନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁଣ କୁମାର ପଣ୍ଡା, ଶ୍ରୀ ଭଗବାନ ନାୟକବର୍ମା, ଶ୍ରୀ ରାଜାରାମ ଶତପଥି, ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତଃ ଶ୍ରୀ ଗୋପାଳ ମିଶ୍ର, ଶ୍ରୀ ସୁଧିର କୁମାର ଦାଶ, ସ୍ୱର୍ଗତଃ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳ, ଶ୍ରୀ ଭାଗିରଥି ମହାସୁଆର, ଶ୍ରୀ ଭାସ୍କର ପରିଚ୍ଛା, ଶ୍ରୀ ପ୍ରଭୁକଲ୍ୟାଣ ମହାପାତ୍ର, ଶ୍ରୀ ପ୍ରତାପ ମହାନ୍ତି, ଶ୍ରୀ ଜଗବନ୍ଧୁ ମିଶ୍ର, ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ, ଶ୍ରୀ ଶିବନାରାୟଣ ସିଂହ, ଶ୍ରୀ ତପନ ମିଶ୍ର ଓ ଶ୍ରୀ ସୁବ୍ରତ ଦାଶ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ମନରେଗା କାର୍ଯ୍ୟକୁ ନେଇ ଚର୍ଚ୍ଚାରେ ଖଲଣା ସରପଂଚ

ଘଷିପୁରା (ପିଏନ୍): ଘଷିପୁରା ପଞ୍ଚାୟତ ସମିତି ଅନ୍ତର୍ଗତ କିଛି ଗ୍ରାମପଂଚାୟତରେ ମନରେଗା କାର୍ଯ୍ୟ ଗୁଡିକ ମେସିନ୍ ସାହାଯ୍ୟରେ ହେଉଥିବା ଅଭିଯୋଗଗୁଡିକ ଅନେକବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ବେଳେ ଘଷିପୁରା ବ୍ଲକ ଖଲଣା ଗ୍ରାମ ପଂଚାୟତରେ ବିଭିନ୍ନ ମନରେଗା କାର୍ଯ୍ୟକୁ ଶ୍ରମିକ ଲଗାଇ ସ୍ଥାନୀୟ ସରପଂଚ କରାଉଥିବା ଦେଖାଯାଇଛି । ଗୋଟିଏ ରାସ୍ତା କାମରେ ପାଖାପାଖି ୧୦୦ ଜଣ ଲୋକ କାମ କରୁଥିବା ଦେଖିବାକୁ ମିଳିଥିବା ବେଳେ ଏଥିରୁ ପ୍ରମାଣିତ ହେଉଛି ଯେ ଶ୍ରମିକମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବାବେଳେ କିଛି ଅସାଧୁ ଠିକାଦାର ଜବରଦସ୍ତି ମେସିନ୍ ଲଗାଇ କାର୍ଯ୍ୟ କରି ଶ୍ରମିକ ପେଟକୁ ଲାତ ମାରୁଛନ୍ତି । ୧୦୦ ଶ୍ରମିକ କାମ କରୁଥିବା ଭିଡିଓ ଭାଇରାଲ ହେବା ପରେ ଖଲଣା ସରପଂଚ ଜ୍ୟୋତ୍ସ୍ନାରାଣୀ ନାୟକ ଓ ତାଙ୍କ ପରାମର୍ଶଦାତା ଟିକନ ମାଝୀଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଏଭଳି ଏକ ବିରଳ ଉଦାହରଣ ଘଷିପୁରା ପଂଚାୟତ ସମିତି ଅନ୍ତର୍ଗତ ଅନ୍ୟ ସରପଂଚମାନଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଅନ୍ଧାରରେ ୧୫ ପିଲାଙ୍କ ଭବିଷ୍ୟତ, ଭଡାରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର (ପିଏନ୍): ଲିଙ୍ଗିପୁର ଗ୍ରାମପଂଚାୟତ (ଗାଙ୍ଗୋତ୍ରୀ ନଗର)ରେ ଥିବା ଅଙ୍ଗନବାଡି କେନ୍ଦ୍ର ବିଗତ ବହୁବର୍ଷ ହେଲା ଅବ୍ୟବସ୍ଥାରେ ଚାଲିଛି । ଖୋଦ୍ ରାଜଧାନୀ ଉପକଣ୍ଠରେ ଏହିଭଳିଆ ଅବସ୍ଥା । ୨୦୧୦ ମସିହାରୁ ଏହି ଅଙ୍ଗନବାଡି କେନ୍ଦ୍ର ଚାଲୁରହିଛି । ଏହି ଅଙ୍ଗନବାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତିଭୂମି, ମୌଳିକ ସୁବିଧା ପିଲାମାନଙ୍କୁ ମିଳିପାରୁନାହିଁ । ଏହି ଅଙ୍ଗନବାଡି କେନ୍ଦ୍ରଟି ବହୁ ଦୁର୍ଦ୍ଦଶାରେ ଗତି କରୁଛି । ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଶିକ୍ଷା ଏକ ମୌଳିକ ଅଧିକାର । କିନ୍ତୁ ଯେଉଁଭଳିଆ ଭାବରେ ପ୍ରଶାସନ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ସାବତ ପୁଅ ପରି ବ୍ୟବହାର କରୁଛି ତାହା ଅତ୍ୟନ୍ତ ନିନ୍ଦନୀୟ । ମାସକୁ ୨୬୦୦ଟଙ୍କା ଟଙ୍କା ଦେଇ ଅଙ୍ଗନବାଡି କେନ୍ଦ୍ର ଚଳାଇବା ଏକ କାଠିକର ପାଠ ବ୍ୟାପାର । ସିଡିପିଓ ଏହି ବିଷୟରେ ଅବଗତ ଥିଲେ ମଧ୍ୟ ଏବଂ ସରକାର ଏହି ଅଙ୍ଗନବାଡି କେନ୍ଦ୍ର ବିଷୟରେ ଅବଗତ ଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ପାଇଁ ବିଶେଷ କିଛି କରିନଥିବା ଜଣାପଡିଛି । ଆଗକୁ ବର୍ଷା ଦିନ ଆସୁଛି କୋଉଭଳି ଭାବେ ପିଲାମାନଙ୍କର ଶିକ୍ଷା ବାଧାପ୍ରାପ୍ତ ନହେବ ଉଚ୍ଚକର୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି । ଗାଙ୍ଗୋତ୍ରୀ ନଗର ଭିତରେ ଏକ ସ୍ଥାୟୀ ସରକାରୀ ଜାଗାକୁ ଅଙ୍ଗନବାଡି କେନ୍ଦ୍ର ନାଁରେ କରିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ଉଚ୍ଚକର୍ତୃପକ୍ଷଙ୍କର ଇଚ୍ଛାଶକ୍ତି ଅଭାବରୁ ଏହା ହୋଇପାରୁନାହିଁ । ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନଠାରୁ ଆରମ୍ଭ କରି ଛୋଟ ପିଲାମାନଙ୍କର ରୋଷେଇ କରିବା ପାଇଁ ସ୍ଥାନର ଘୋର ଅଭାବ ଦେଖାଦେଇଛି । ଜିଲ୍ଲାପାଳଙ୍କୁ ବିଶେଷ ଭାବରେ ଅନୁରୋଧ କରାଯାଇଛି ଯେ ଛୋଟ ଛୁଆଙ୍କର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦିଆନଯାଇ ଏକ ସ୍ଥାୟୀ ଜାଗା କିମ୍ବା ଘର ତୁରନ୍ତ ଅଙ୍ଗନବାଡି କେନ୍ଦ୍ରକୁ ଦିଆଯାଉ ।

# ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା କଲେଜରେ ଶୋକ

କେନ୍ଦ୍ରାପଡ଼ା (ପିଏନ୍): କଲେଜର ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ପ୍ରଭାକର ଶତପଥୀଙ୍କ ବିୟୋଗରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବାର୍ଦ୍ଧକ୍ୟଜନିତ ରୋଗରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ କ୍ୟାପଟେନ ଶତପଥୀଙ୍କ ଦେହାନ୍ତ ହୋଇଯାଇଛି । ଗତ ୧୯୮୫ରୁ ୧୯୮୭ମସିହା ପର୍ଯ୍ୟନ୍ତ ସ୍ୱର୍ଗତଃ ଶତପଥୀ ଏହି କଲେଜର ଅଧ୍ୟକ୍ଷ ଭାବେ ସୂଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଶୈକ୍ଷିକ ବାତାବରଣରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ସଭା ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକସଭାରେ ପ୍ରାଧ୍ୟାପକ ଡଃ. ଦେବେନ୍ଦ୍ର ଗୋଛାୟତ, ସେଖ ସାହାବୁଦ୍ଦିନ ଅଲ୍ଲୀ, ଡଃ. ଜ୍ଞାନୀନ୍ଦ୍ର ଦାଶ, ବିଶ୍ୱରଞ୍ଜନ ପୁହାଣ, ରଞ୍ଜିତ କୁମାର ଦାସ ପ୍ରମୁଖ ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱର୍ଗତଃ ଶତପଥୀଙ୍କ କାର୍ଯ୍ୟାଧାରା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ଶତପଥୀଙ୍କ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଏକ ଶୋକବା□ା ପଠାଇବାକୁ ନିଷ୍ପ□ି ଗ୍ରହଣ କରାଯାଇଥି




# ଡିଏଭି ପୋଖରୀପୁଟରେ ଯୋଗଦିବସ ଦିବସ ପାଳିତ



ଭୁବନେଶ୍ୱର ,(ପି.ଏନ) :ଡିଏଭି ପୋଖରୀପୁଟରେ ଅଷ୍ଟମ ଅ'ର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି । ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣି ମାନସିକ ଚାପମୁକ୍ତ ନିମ' ଯୋଗ ହିଁ ଅତ୍ୟ' ଅପରିହାର୍ଯ୍ୟ ବୋଲି ବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ବିଦ୍ୟାର୍ଥୀମାନଙ୍କୁ ନିଜର ଅଭିଭାଷଣରେ କହିଥିଲେ । ବିଦ୍ୟାଳୟର ଯୋଗ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ତ୍ରିପାଠୀ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଯୋଗ, ଆସନ, ପ୍ରାଣାୟାମ ଆଦି ଅଭ୍ୟାସ କରାଇଥିଲେ । ଯୋଗ ଦିବସ ଅବସରରେ ବକ୍ତୃତା, ଯୋଗାସନ, କୁଇଜ୍, ପୋଷ୍ଟର ମେକିଂ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ।

## ନର୍ଲା ବ୍ଲକ ପଲମ ପଂଚାୟତରେ ଦକ୍ଷତା ବୃଦ୍ଧି ଓ ବିହନ ବିତରଣ କାର୍ଯ୍ୟକ୍ରମ

ଭବାନୀପାଟଣା,(ପି.ଏନ); ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ଥ ପଲମ ପଂଚାୟତ ଠାରେ ଚାଷୀ ମାନଙ୍କ ଉନ୍ନତ ଧରଣର ଚାଷ ପାଇଁ ଦକ୍ଷତା ବୃଦ୍ଧି ଓ ବିହନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସରକାରଙ୍କ ଆଇସିଏଆରଡିଏ କୋଲେବୋରଟିଭ ପ୍ରୋଜେକ୍ଟ ମାଧ୍ୟମରେ ଖରିଫ - ୨୦୨୨ ଅଟେ। ଏହି ବିହନ ବିତରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ହେମକିଶୋର ନାଗ, କୃଷି ଅଧିକାରୀ ଶିବାନୀ ପ୍ରଧାନ, ଭି. ଏ.ଡବ୍ଲ୍ୟୁ. -ସୁନୀଲ ମନୋହର ଭୋଇ, ଆଇସିଏଆରଡିଏ ଜିଲ୍ଲା ସଂଯୋଜକ ବୀରେନ୍ଦ୍ର କୁମାର ସା ଏବଂ ଦିଲୀପ କୁମାର ଭୋଇ, ନର୍ଲା, ପ୍ରିୟଙ୍କା ସ୍ମୃତି ସୁନା ସେନାପତି, କୁଶ ସାହୁ, କର୍ଲାମୁଣ୍ଡା ପ୍ରମୁଖଙ୍କ ସମେତ ଚାଷୀ ମାନେ ଉପସ୍ଥିତ ଥିଲେ। ହରଡ଼ ବିହନ ଚାଷୀ ମାନେ ପାଇ ଖୁସି ବ୍ୟକ୍ତ କରିଥିଲେ ଏବଂ ଉନ୍ନତ ଧରଣର ହରଡ଼ ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା।

# ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ଭବାନୀପାଟଣା, (ପି.ଏନ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଶାଖା କଳାହାଣ୍ଡି ଦ୍ୱାରା ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ଭବାନୀପାଟଣା ସହରର ରିଜର୍ଭ ପଡିଆ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ସହରର ଅନେକ ସଂଗଠନର କର୍ମକର୍ତା, ବିଭିନ୍ନ କ୍ଲବର ସ୍ୱେଚ୍ଛାସେବୀ, ଏନସିସି, ଏନଏସଏସ, ଚଉଷଠି ବାଟାଲିୟନ, ରିଜର୍ଭ ପୋଲିସ, ଯବାନ ଫିଜିକାଲ ଏକାଡେମୀର ଶିବିରାର୍ଥୀ, ନେହେରୁ ଯୁବକେନ୍ଦ୍ର ସଂଗଠନର ସ୍ୱେଚ୍ଛାସେବୀ, ପ୍ରଗତି କଲେଜ ଛାତ୍ରଛାତ୍ରୀ ଏବଂ ପତଞ୍ଜଳି ଯୋଗ ସମିତିର କର୍ମକର୍ତା ଯୋଗ ଦେଇଥିଲେ। ଆଜିର ଏହି ଯୋଗ ଦିବସ କାର୍ଯ୍ୟକ୍ରମ ରେ ପାଖାପାଖି ୩୫୦ ରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀ ଯୋଗ ଦେଇ ଯୋଗ ଦିବସ ପାଳନ କରିଥିଲେ। ପତଞ୍ଜଳିର ଯୋଗ ଗୁରୁ ଶ୍ରୀ ଅଶୋକ ମୁଣ୍ଡ ସମସ୍ତଙ୍କୁ ଯୋଗ ଶିକ୍ଷାଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ମୁନିସିପାଲିଟିର ଅଧକ୍ଷା ଶ୍ରୀମତି ସଂଯୁକ୍ତା ବେହେରା ଯୋଗଦାନ କରିଥିବା ବେଳେ ଉପ ଜିଲ୍ଲାପାଳ ସୁଶାନ୍ତ କୁମାର ପଟେଲ, କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଭିଳାଷ ଜି, କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ଶତପଥି, ଉପ-ନିର୍ଦ୍ଦେଶକ ଯୋଜନା ଏବଂ ସମନ୍ୱୟ ଶ୍ରୀକାନ୍ତ ଦେଲେଇ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, କ୍ରୀଡା ଅଧିକାରୀ ସୁବାଶିଷ ନାୟକ, ଆଇପି ମହେନ୍ଦ୍ର ପଣ୍ଡା, ନେହେରୁ ଯୁବକେନ୍ଦ୍ର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଲେଖାପାଳ ଦୂତିଆ ବନଛୋର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ଓ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ପ୍ରଥମେ ମୁଖ୍ୟ ଅତିଥି ଶ୍ରୀମତୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଯୋଗ ଦିବସର ଶୁଭାରମ୍ଭ କରିଥିଲେ। ଏହାପରେ ପତଞ୍ଜଳିର ଯୋଗ ଗୁରୁ ଶ୍ରୀ ମୁଣ୍ଡ ସମସ୍ତଙ୍କୁ ସ୍ୱାଗତ କରିବା ସହ ଯୋଗ ପ୍ରଶିକ୍ଷଣ ଆରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ୩୫୦ ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇ ଦୁଇ ଦିନ ଧରି ଯୋଗ ଶିକ୍ଷା କରିଥିଲେ। ପ୍ରଥମ ଦିବସରେ ଭବାନୀପାଟଣା ସହରର ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପାଖାପାଖି ୨୦୦ ଲୋକଙ୍କୁ ନେଇ ଯୋଗାଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଧ୍ୟ ଶତାଧିକ ପ୍ରଶିକ୍ଷାର୍ଥୀ ଯୋଗଦେଇ ଯୋଗ ଦିବସ ପାଳନ କରିବା ସହ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଗୋଟିଏ ଘଣ୍ଟା ଯୋଗ କରିବା ପାଇଁ ସମସ୍ତ ପରୀକ୍ଷାର୍ଥୀ ଶପଥ ପାଠ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଭବାନୀପାଟଣା ମୁନିସିପାଲିଟି, ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ପତଞ୍ଜଳି ଯୋଗ ସମିତି, କଳାହାଣ୍ଡି ଜିଲ୍ଲା ପୋଲିସ, ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିଥିବା ବେଳେ ନେହେରୁ ଯୁବକେନ୍ଦ୍ର ସଂଗଠନର ସ୍ୱେଚ୍ଛାସେବୀ ଅଭିଷେକ ବେହେରା, ଯଶୋବନ୍ତ ରଣା ସହଯୋଗ କରିଥିଲେ। ଏଥିରେ ନେହେରୁ ଯୁବକେନ୍ଦ୍ର ସଂଗଠନର ପୂର୍ବତନ ସ୍ୱେଚ୍ଛାସେବୀ ରାଜେଶ ମହାରଣା, କୋପ୍ପେଶ୍ୱର ବେମାଲ, ହେମସାଗର ସାହୁ, ପ୍ରବୀଣ କୁମାର ସାହୁ, ଜଗଦାନନ୍ଦ ପ୍ରଧାନ, ଏମଟି ଚୁଲାମାନୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ତରଫରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ

ଜୟପୁର,(ପି.ଏନ): ୭୫ ତମ ଆଜାଦୀକି ଅମୃତ ମଗୋତ୍ସବ ଶୁଭ ଅବସରରେ ପତଞ୍ଜଳି ଯୋଗପୀଠ ମାର୍ଗଦର୍ଶନରେ ସଂଚାଳନରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଯାଇଛି। ଜୟନଗର ପାର୍କ ଠାରେ ଯୋଗ ମହୋତ୍ସବ ପାଳିତ ହୋଇଛି। ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଗ ଶିବିରରେ ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ନ୍ୟାସ, ମହିଳା ପତଞ୍ଜଳୀ ଯୋଗ ସମିତି, କିଷାନ ପଚାଂୟତ, ଯୁବା ଭାରତର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଶୁଭମ କଲ୍ୟାଣ ମଣ୍ଡପ ଠାରେ ମଧ ଯୋଗ ଦିବସ ଅବସରରେ ଯୋଗ କରାଯାଇଥିଲା ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡ଼ି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷତ୍ରୀୟ କାର୍ଯ୍ୟାଳୟ ଫୁଲବାଣୀ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ

କନ୍ଧମାଳ, (ପି.ଏନ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷତ୍ରୀୟ କାର୍ଯ୍ୟାଳୟ, ଫୁଲବାଣୀ ପକ୍ଷରୁ ଆଜି ଖଜୁରୀପଡା ବ୍ଲକର ସେବିକା ତାଲିମ ମହାବିଦ୍ୟାଳୟ ,ଗୁଡୁରିସାହି ପରିସରରେ ଅଷ୍ଟମ ଆନ୍ତର୍ଜାତିକ ଯୋଗ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହାକୁ ସେବିକା ତାଲିମ ମହାବିଦ୍ୟାଳୟର ଅଧାକ୍ଷା ଶ୍ରୀମତୀ ସଂଘମିତ୍ରା ସିଂହ ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ଯୋଗ ଗୁରୁମା ଶ୍ରୀମତୀ ସାଧନା ଦାସ ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ଜନସାଧାରଣଙ୍କ ଅବଗତି ପାଇଁ ଏକ ସଚେତନତା ପଦଯାତ୍ରାର ମଧ୍ୟ ଆୟୋଜନ କରାଯାଇଥିଲା । ପରେ ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ, ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତରେ ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।

# ଫୁଲବାଣୀରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କନ୍ଧମାଳ, (ପି.ଏନ): ଫୁଲବାଣୀ ସହରର ସ୍ଥାନୀୟ ଜ଼ିଲ୍ଲା ସଂସ୍କୃତି ସଭା ଗୃହ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ଓ ସମର୍ଥ ଭାରତ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପ ଜ଼ିଲ୍ଲାପାଳ ଶେଷଦେବ ମିଶ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଜ଼ିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ଶାରୀରିକ ପ୍ରଶିକ୍ଷଣ ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଯୋଗ ଗୁରୁ ନିରଞ୍ଜନ ପାଣ୍ଡେ, ପ୍ରଶାନ୍ତ ଦାଶ, ଗୋପାଳ କୃଷ୍ଣ ପାଢ଼ୀ, ଡି ଜି ନୋମିନି ନେହେରୁ ଯୁବ କେନ୍ଦ୍ର ସଂଗଠନ ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଫୁଲବାଣୀ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ଏବଂ ଯୁବକ ସଂଘର ସଭ୍ୟ ସଭ୍ୟା, ନେହରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଦିବସରେ ଯୋଗ ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନିତୋଷ ମହାପାତ୍ର ପ୍ରଥମ, ସଂଜିତ ସାହୁ ଦ୍ୱିତୀୟ ଏବଂ ଶିବ ପ୍ରସାଦ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି, ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ ମୁଖ୍ୟ ଅତିଥି। ମୁଖ୍ୟ ଅତିଥି ଦିବସର ମୂଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀମାନଙ୍କୁ ଅବଗତ କରିଥିଲେ। ଯୋଗ ଗୁରୁ ଭାବରେ ନିରଞ୍ଜନ ପାଣ୍ଡେ ଯୋଗଦେଇ ଛାତ୍ର ଛାତ୍ରୀ ଓ ଯୁବକ ଭାଇ ଓ ଭଉଣୀ ମାନଙ୍କୁ ଯୋଗ ତାଲିମ ପ୍ରଦାନ କରିଥିଲେ। ବୈଠକରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଯୋଗଦେଇ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ, ଯୁବକ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଗୋପାଳ କୃଷ୍ଣ ପାଢ଼ୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାର୍ଡ଼ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ଼ -୨୦୨୦ ପାଇଥିବା ଜଣାପଡିଛି। ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ଼ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି। ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୂବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି।

# ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ

ଧର୍ମଶାଳା, (ପି.ଏନ); ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଆର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଜି ସକାଳେ ଏକ ଯୋଗ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲାର ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ପତଞ୍ଜଳୀ ଯୋଗ ସମିତି, ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଅର୍ନ୍ତଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ଡ. ବିଜୟ କୁମାର ଶତପଥୀ, କଟକସ୍ଥିତ ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ସୁଧୀର କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପାତଞ୍ଜଳୀ ଯୋଗ ସମିତିର ଆବାହକ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।ଧର୍ମଶାଳା ବ୍ଲକ ଜାରକା ପଂଚାୟତରେ ବାବା ଗୋକର୍ଣ୍ଣେଶ୍ୱର ଯୁବକ ସଂଘ, ଭେଙ୍କଟେଶ୍ୱର ସ୍କୁଲ ଓ ଯାଜପୁରର ନେହେରୁ ଯୁବ ସଂଗଠନ ମିଳିତ ଅନୁକୂଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ପ୍ରତାପ ବେହେରାଙ୍କ ସଭାପତିତ୍ୱରେ ଭେଙ୍କଟେଶ୍ୱର ସ୍କୁଲର ଅଧକ୍ଷ ପ୍ରଣୟ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗ ଦିବସ ଉପରେ ଗୁରୁତ୍ୱାରୋପ କରିଥିଲେ । ଯୋଗ ଗୁରୁ ଚନ୍ଦନ କୁମାର ବେହେରା ଓ ସୁନାକର ପଲେଇ ଯୋଗ କରିବା ଦ୍ୱାରା ଶାରୀରିକ ଗଠନ କିପରି ହେବ ସେ ସମ୍ପର୍କରେ ଯୋଗ ମାଧ୍ୟମରେ ସଚେତନ କରାଇଥିଲେ ।






# କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର,(ପି.ଏନ): ସମଗ୍ର ଭାରତର ବିଭିନ୍ନ ସ୍ଥାନରେ ୮ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଥିବା ବେଳେ କିଟ୍ ଓ କିସ୍‌ରେ ମଧ ମଙ୍ଗଳବାର ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଚଳିତବର୍ଷର ବିଷୟବସ୍ତୁ ଥିଲା 'ମାନବିକତା ପାଇଁ ଯୋଗ' । କିଟ୍ ଓ କିସ୍ ପକ୍ଷରୁ ଏହି ଅବସରରେ ପ୍ରାତଃ ୬ଟା ସମୟରେ କିସ୍ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟରେ ମିଳିତ ଭାବେ ଅନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବା ସହ ଯୋଗାଭ୍ୟାସ କରାଯାଇଥିଲା । କିଟ୍, କିସ୍ ଓ କିମ୍‌ସର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଏକାଠି ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯୋଗ ହେଉଛି ଆମର ପୁରାତନ ପରମ୍ପରା । ସମଗ୍ର ବିଶ୍ୱକୁ ଏହା ହେଉଛି ଭାରତର ସବୁଠାରୁ ମୂଲ୍ୟବାନ ଦାନ । ସମଗ୍ର ବିଶ୍ୱରେ ଯୋଗ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇ ଚାଲିଛି । ଯୋଗ କେବଳ ଯେ ଆମକୁ ଶାରୀରିକ ଭାବେ ଫିଟ୍ ରଖିଥାଏ ତାହା ନୁହେଁ, ଏହା ମଧ ଆମର ମାନସିକ ଚାପ କମାଇବା ସହ ଆମକୁ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ସମସ୍ତ ସ୍କୁଲ୍ ଓ ବିଭାଗୀୟ ଡିନ୍, ନିର୍ଦ୍ଦେଶକ ଓ କର୍ମଚାରୀମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ଯୋଗ ପ୍ରଶିକ୍ଷିକା ଡ. ବିଶ୍ୱବନ୍ଦିତା କର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କେନ୍ଦ୍ର ସରକାରଙ୍କ ଏକଛତ୍ରବାଦ ନୀତି ବିରୋଧରେ କଂଗ୍ରେସର ବିଏସନାଲ କାର୍ଯ୍ୟାଳୟ ଆଗରେ ଧାରଣା



ଚଣ୍ଡିଖୋଲ,(ପି.ଏନ.):କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାରେ ଇଡି ପକ୍ଷରୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ମାମଲାରେ ଫସାଇବା ପ୍ରତିବାଦରେ ଆଜି ବଡ଼ଚଣା କଂଗ୍ରେସ ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ବିସନଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସହ ଗଣଧାରଣା ଦିଆଯାଇଥିଲା.ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ମୁଖ୍ୟ ଅତିଥିଭାବେ ବଡଚଣାର କଂଗ୍ରେସ ନେତା ତଥା ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧକ୍ଷ କ୍ୟାପଟେନ ରାଜନାରାୟଣ ମହାପାତ୍ର,ଯାଜପୁର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ଜେନା,ପ୍ରାକ୍ତନ ବଡ଼ଚଣା ବ୍ଲକ କଂଗ୍ରେସ ଅଧକ୍ଷ ନିରଞ୍ଜନ ସାହୁ,ବ୍ଲକ କଂଗ୍ରେସ ଉପସଭାପତି ପ୍ରଦୀପ୍ତ ମହାନ୍ତି,ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲର ଅଧକ୍ଷ ସୁଲତାନ ସଇଫୁଲା ଖାନ,ସମିତି ସଭ୍ୟ କୁଳମଣି ବାରିକ,ଛାତ୍ର କଂଗ୍ରେସ ସମ୍ପାଦକ ଜନ୍ମେଜୟ ନାୟକ,ସାଉଡିଆ ପଂଚାୟତ କଂଗ୍ରେସ ସଭାପତି ଜୀବନ ମହାପାତ୍ର,ଉପସଭାପତି ଦେବେନ୍ଦ୍ର ସାମଲ,ସଂଜୀବ ସାମଲ,ଜୟପ୍ରକାଶ ବିଶ୍ୱାଳ,ସଞ୍ଜୟ ସିଂ,ବିଚିତ୍ର ଜେନା ,ସନ୍ତୋଷ ସାହୁ,ସୁଧୀର ଦାସ,ସେକ ଅରମାନ,ଧର୍ମରାଜ ମହାନ୍ତି, ହୃଷିକେଶ ସ୍ୱଛି ସେ ଉପରେ ନଜର ନଦେଇ ନିଜର ଦୋଷକୁ ଲୁଚାଇବାକୁ ଯାଇ ଇଡି ଦ୍ୱାରା କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ସମାନ ଜାରିକରିବାକୁ ବଡ଼ଚଣା ନେତା ଘୋର ବିରୋଧ କରିବା ସହ ଆଗାମୀଦିନରେ କଂଗ୍ରେସ ଏହାର ଉଚିତ ଜବାବ ଦେବା ବୋଲି କ୍ୟାପଟେନ ରାଜନାରାୟଣ ମହାପାତ୍ର ନିଜ ଭାଷଣରେ କହିଥିଲେ । ପ୍ରତିବାଦ ସଭାକୁ କଂଗ୍ରସ ଯୁବନେତା ପ୍ରଦୀପ୍ତ ମହାନ୍ତି ସଂଚାଳନ କରିଥିଲେ । ଏହି ପ୍ରତିବାଦ ସଭାରେ ବଡଚଣାର ୪୩ଟି ପଂଚାୟତରୁ ଶତାଧିକ କଂଗ୍ରେସ କର୍ମୀମାନେ ଯୋଗଦେଇ ଥିଲେ ।

# ଭୁବନେଶ୍ୱର ଜିଲ୍ଲା ବ୍ଲକ କଂଗ୍ରେସର ସତ୍ୟାଗ୍ରହ ଆନ୍ଦୋଳନ

ଭୁବନେଶ୍ୱର,(ପି.ଏନ): ନରେନ୍ଦ୍ର ମୋଦି ସରକାରର ଆକ୍ରୋଶମୂଳକ ରାଜନୀତି ତଥା ମିଛ ଇଡି କେସ ଦ୍ୱାରା କଂଗ୍ରେସ ଦଳ ତଥା ଅଖିଳ ଭାରତ ଜାତୀୟ କଂଗ୍ରେସର ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧକ୍ଷ ତଥା ସାଂସଦ ଶ୍ରୀ ରାହୁଲ ଗାନ୍ଧୀଙ୍କୁ ଲୋକ ଚକ୍ଷୁରେ ନିନ୍ଦିତ କରିବାପାଇଁ ଯେଉଁ ଷଡ଼ଯନ୍ତ୍ର ଚଳାଇଛନ୍ତି ତାହା ବିରୋଧରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବ୍ଲକର ବ୍ଲକ ସଭାପତିମାନଙ୍କ ଦ୍ୱାରା ସତ୍ୟାଗ୍ରହ ଆନ୍ଦୋଳନ ଅନୁଷ୍ଠିତ କରାଯାଇଥିଲା । ଜିଲ୍ଲାର ସମସ୍ତ ୯ଟି ବ୍ଲକର ସଭାପତି ଯଥା ମନୋରନ ଜେନା, ଅଶୋକ କୁମାର ଦାସ, ବ୍ରହ୍ମାନନ୍ଦ ସାହୁ, ଅନୱାର ଖାନ, ଦେବରାଜ ମିଶ୍ର, ଶ୍ରୀଧର ବଳିଆରସିଂ, ମିହିର ରନ ଆଚାର୍ଯ୍ୟ, ମନୋରନ ବଟୁ, ଲୁଲୁ ଏହମ୍ମଦ ଏବଂ ଜିଲ୍ଲାର ରାଜ୍ୟସ୍ତରୀୟ ନେତୃବନ୍ଦ ତଥା ବ୍ଲକ କଂଗ୍ରେସର ନେତୃବୃନ୍ଦ ଏବଂ ବହୁ କଂଗ୍ରେସ କର୍ମୀ ନିଜ ନିଜ ବ୍ଲକରେ ଥିବା କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ ନେତା, ଶିବାନନ୍ଦ ରାୟ, ମନୋରନ ଦାଶ, ମୋହନ ଜେନା, ପ୍ରଭାତ ପ୍ରତାପ ସିଂ, ମଂଟୁ ମଲ୍ଲିକ, ଆଶିଷ ମଲ୍ଲିକ, ଶଙ୍କର ଭୋଇ, ଅକ୍ଷୟ ଦାସ, ମିନତି ସାହୁ, ଦେବୀ ପ୍ରସାଦ ବାହାଲିଆ, ମଧୁସ୍ମିତା ଆଚାର୍ଯ୍ୟ, ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲଥିଲେ ।

# କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିବା ସହିତ ଦୈନିକ ଯୋଗାଭ୍ୟାସ କରିବାକୁ ଆହ୍ୱାନ ଦେଇଥିଲେ । ସମର ଶିକ୍ଷାର୍ଥୀ ବାହିନୀର ମେଜର ଜ୍ଞାନ ରଞ୍ଜନ ମହାନ୍ତି, ଲେଫ୍ଟନାଣ୍ଟ ସୀମା ମହାନ୍ତି, ଜାତୀୟ ସେବା ସଂସ୍ଥାର ଅଧିକାରୀ ପ୍ରମୋଦ କୁମାର ବେହେରା, ଜ୍ଞାନ ରଞ୍ଜନ ଦାସ, ଗୌରପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ ପ୍ରମୁଖ ନିଜ ନିଜର ଅଭିଭାଷଣ ରଖିଥିଲେ ।

# ପାରାଦୀପରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ : ସାମୁହିକ ଭାବେ ସାମିଲ ହେଲେ ବିଭିନ୍ନ ବର୍ଗ



ପାରାଦୀପ (ପି.ଏନ): ପାରାଦୀପରେ ୮ମ ଆଂର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମଧୁବନସ୍ଥିତ ବିଜୁ କନଭେନସନ୍ ସେଂଟର ପରିସରରେ ଯୋଗ ଦିବସ ପାଳିତ ହୋଇଥିଲା । ବନ୍ଦରର ଅଧକ୍ଷ ପି.ଏଲ୍.ହରନାଦ ଉପାଧକ୍ଷ ଏ.କେ.ବୋଷଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଯୋଗଗୁରୁ ତାପସ ରଂଜନ ପତି ଶିବିରାର୍ଥୀଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପାରାଦୀପ ଅଂଚଳର ଜନସାଧାରଣ ବହୁଳ ଭାବେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ । ମହୀଶୂର ପ୍ୟାଲେସ୍ ପଡିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଭର୍ଚୁଆଲ୍ ମାଧ୍ୟମରେ ଯୋଡି ହୋଇଥିଲେ । ପାରାଦୀପ ବନ୍ଦରର କର୍ମଚାରୀ, ସିଆଇଏସଏଫର କର୍ମଚାରୀ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀଙ୍କ ସମେତ ଛାତ୍ରଛାତ୍ରୀମାନେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାରାଦୀପ ଲେଡିଜ୍ କ୍ଲବ୍ ର ସଦସ୍ୟାମାନେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଯୋଗ କରିଥାନ୍ତି ସେହିଭଳି ପୋର୍ଟ ୟୁ.ପି.ସ୍କୁଲ ଓ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ବନ୍ଦର ପକ୍ଷରୁ ଯୋଗ ଶିକ୍ଷା ଦିଆଯାଉଛି । ସେହିପରି ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଷଣ୍ଢକୁଦ ନିକଟସ୍ଥ କଳିଙ୍ଗ ବିହାର ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା । ତଟରକ୍ଷୀ ବାହିନୀର ଅଧିକାରୀ ଓ ସେମାନଙ୍କ ପରିବାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଯୋଗ, ପ୍ରାଣାୟମ୍,ଧ୍ୟାନ,ସୂର୍ଯ୍ୟ ନମସ୍କାର ଆଦିକୁ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ତତ୍ୱାବଧାନରେ ପ୍ରଦର୍ଶନ କରିଥିଲେ । ସେହିପରି ଯୋଗ ସଂଚାଳନ ସମିତି, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ କଳିଙ୍ଗ ବାଲିଯାତ୍ରା ପଡିଆ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା । ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ,ଆଚାର୍ଯ୍ୟା, ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଏହି ଯୋଗ ଶିବିରରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

# ଏମସିଏ ପାତ୍ର ପଡା ଯୋଗ ସାଧନା କେନ୍ଦ୍ରରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସର ସଂକ୍ଷିପ୍ତ ବିବରଣୀ




ଭୁବନେଶ୍ୱର,(ପି.ଏନ): ପାତ୍ରପଡା ଯୋଗ କେନ୍ଦ୍ରରେ ୮ମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସାଧକ ସାଧିକା ମାନେ ବିପୁଳ ସଂଖ୍ୟାରେ ଭାଗ ନେଇଥିଲେ । ପ୍ରଥମେ ସାଧକ ସାଧିକା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୂକ୍ଷ୍ମ କ୍ରିୟା, ଯୋଗାସନ ଏବଂ ପ୍ରାଣାୟାମ ଆଦି ପ୍ରଦର୍ଶନ କରାଯାଇ ଥିଲା । ସଭାକାର୍ଯ୍ୟ ଆରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ଫଟୋରେ ପୁଷ୍ପ ଅର୍ପଣ, ମନ୍ତ୍ର ଉଚ୍ଚାରଣସହ ପ୍ରଦୀପ ପ୍ରଜ୍ୱଳନ ଏବଂ ଶ୍ରୀ ମତୀ କଲ୍ୟାଣୀ ପଣ୍ଡା ଓ ସାଥୀ ସାଧୀକାମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ଶ୍ରୀ ଶରତ୍ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ । କେନ୍ଦ୍ର ପ୍ରମୁଖ ଶ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର ଯୋଗଦିବସର ତାତ୍ପର୍ଯ୍ୟ ଓ ଆଜିର ବିଷମ ପରିସ୍ଥିତି ରେ ଯୋଗ କିପରି ଶାନ୍ତି, ଏକତା, ଭଲ ପାଇବା ଓ ଭ୍ରାତୃତ୍ୱଭାବର ବୃଦ୍ଧି ଘଟାଇବା ଉପରେ ସହାୟକ ହେଉଛି ତାହା ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖି ଥିଲେ । ଉକ୍ତ କେନ୍ଦ୍ରର ସାଧକ ଶ୍ରୀ ବସନ୍ତ କୁମାର ସାହୁ, ଶ୍ରୀ ପ୍ରଭାକର ପଣ୍ଡା, ଶ୍ରୀ ମତୀ ତରୁଣ ବାଳା ମହାପାତ୍ର , ଶ୍ରୀମତୀ ପୁଷ୍ପାଞ୍ଜଳୀ ରାଉତରାୟ ଏବଂ ଶ୍ରୀ ହେମନ୍ତ କୁମାର ଖୁଣ୍ଟିଆ ଯୋଗ ସମ୍ବନ୍ଧିୟ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ । ଆଜିର ଉତ୍ସବଟି କେନ୍ଦ୍ରର ସମସ୍ତ ସାଧକ ସାଧିକାମାନଙ୍କର ଅକ୍ଲାନ୍ତ ଓ ଅକୁଣ୍ଠ ପ୍ରୟାସରେ ସଫଳ ହୋଇଥିଲା । ସାଧକ ଶ୍ରୀ ଟଙ୍କଧର ବେହେରା ଧନ୍ୟବାଦ ଅର୍ପଣ ସହ ଯୋଗର ସମାଜପାଇଁ ପରମ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ଶ୍ରୀମତୀ ପୁଷ୍ପାଞ୍ଜଳୀ ରାଉତରାୟ ପ୍ରାର୍ଥନା ଓ ଶାନ୍ତି ପାଠ ଆବୃତ୍ତି କରିଥିଲେ । ସର୍ବ ଶେଷରେ ଶ୍ରୀ ମହେନ୍ଦ୍ର ରଣସିଂହଙ୍କ ନେତୃତ୍ୱରେ ସମସ୍ତଙ୍କୁ ମିଠା, ଫଳ ଓ ଚା ଦ୍ୱାରା ଆପ୍ୟାୟିତ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀ ଶରତ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray